ଧରିତ୍ରୀ
DHARITRI
ଗୁରୁବାର, ୨୭ ଜୁନ୍, ୨୦୧୯



## ସଂକ୍ଷେପରେ

### ବିଦ୍ୟୁତ୍ ଅଫିସ ପରିସରରୁ ତାର ଚୋରି: ଅଭିଯୁକ୍ତ ଗିରଫ

**ବସ୍ତା, ୨୬।୬(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ନେସ୍କୋ ସେକ୍ସନ ଅଫିସ ପରିସରରୁ ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ବସ୍ତା ଥାନା କୁଡିଆ ଗ୍ରାମ ତ୍ରିଲୋଚନ ବାଗ୍ ଅଫିସ ପରିସରରୁ ପ୍ରାୟ ୧୦ ହଜାର ଟଙ୍କା ମୂଲ୍ୟର ବିଜୁଳି ତାର ଗୋଛା ନେଇ ପଳାଉଥିବାବେଳେ ଜଗୁଆଳୀ ପାଟି କରିଥିଲା। ଏହି ସମୟରେ ରାସ୍ତାରେ ପାଟ୍ରୋଲିଂ କରୁଥବବା ପୋଲିସ ଅଭିଯୁକ୍ତକୁ ଧରିଥିଲା। ବିଭାଗୀୟ ଯନ୍ତ୍ରୀ ଗୌରିଶଙ୍କର ବାଗଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଚୋରିତାର ଜବତ କରି ଏକ ମାମଲା (ନଂ . ୧୭୩/୧୯) ରୁଜୁ କରି ବୁଧବାର ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

### ନାବାଳିକାଙ୍କୁ ବଳାତ୍କାର: ଜେଲ ଗଲେ ଅଭିଯୁକ୍ତ

**ନୀଳଗିରି, ୨୬।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ କୁଣ୍ଡୁ ହେମ୍ବ୍ରମ (୨୭) ନାମକ ଜଣେ ବିବାହାତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ କୁଣ୍ଡୁଙ୍କ ଘର ଅସ୍ତିଆ ଗାଁରେ । ସେ ନାବାଳିକା ସହିତ ସମ୍ପର୍କ ରଖି ତାଙ୍କୁ ବଳାତ୍କାର କରିଥିଲେ। ଏ ବାବଦରେ କୁଣ୍ଡୁଙ୍କ ସ୍ତ୍ରୀ ଜାଣି ବିରୋଧ କରିଥିଲେ। ଏଥିରେ ଅଭିଯୁକ୍ତ ଉକ୍ଷିପ୍ତ ହୋଇ ପ୍ରଥମ ରଜ ଦିନ ତାଙ୍କ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ତ୍ରୀ ଡାକ୍ତରଖାନାରେ ଭର୍ତ୍ତି ହୋଇ ସୁସ୍ଥ ହେବା ପରେ ଏକଥା ତାଙ୍କ ମା'ବାପା ଓ ଭାଇଙ୍କୁ ଜଣାଇଥିଲେ। ଏନେଇ ମଙ୍ଗଳବାର ଗାଁରେ ବୈଠକ ବସିଥିଲା। ଘଟଣା ଲୋକଲୋଚନକୁ ଆସିବାରୁ ପୀଡିତାଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିଥିଲା। ପୋଲିସ ଏକ ମାମଲା (ନଂ. ୧୪୧।୧୯) ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା।

### ସୋର ରେଲୱେ ଓଭରବ୍ରିଜ୍‌ରେ ଦୁର୍ଘଟଣା ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ସୋର, ୨୬।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ନୂତନ ରେଲୱେ ଓଭରବ୍ରିଜ୍‌ରେ ବୁଧବାର ପୂର୍ବାହ୍ନ ୧୧ଟା ବେଳେ ଟ୍ରକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡି ନାହିଁ। ପୋଲିସ ଏ ନେଇ ଏକ ମାମଲା (ନଂ. ୩୦୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ସାଇକେଲ ଆରୋହୀ ଜଣକ ବ୍ରିଜ୍ ଉପର ଦେଇ ଯାଉଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋର ପୋଲିସ ଓ ସ୍ଥାନୀୟଲୋକେ ବ୍ରିଜ୍‌ର କିଛି ଦୂରରୁ ଟ୍ରକ୍‌ଟିକୁ ଜବତ କରିଥିଲେ। ନୂତନ ଓଭରବ୍ରିଜ୍ କାର୍ଯ୍ୟକ୍ଷମ ହେବା ପରେ ଏହା ପ୍ରଥମ ଦୁର୍ଘଟଣା ବୋଲି କୁହାଯାଉଛି।

### ଏବିଭିପି ତରଫରୁ ହେଲ୍ପ ଡେସ୍କ

**ବାଲେଶ୍ୱର ଅଫିସ, ୨୬।୬:** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ହେଲ୍ପ ଡେସ୍କ ବୁଧବାରଠାରୁ ଖୋଲିଛି। ଏହି ଡେସ୍କ ଜରିଆରେ ଛାତ୍ରୀଛାତ୍ରଙ୍କୁ ଆବେଦନ ପତ୍ର ଯୋଗାଇବା, ଆବେଦନ ପତ୍ର ପୂରଣ, ଆବଶ୍ୟକ ଉପକରଣ ପ୍ରଦାନ ଓ ପଦ୍ଧତି ବତେଇବା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏବିଭିପର ସଦସ୍ୟମାନେ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ ଓ ସହାୟତା ଯୋଗାଇ ଦେଉଛନ୍ତି। ବିଶ୍ୱଜିତ୍ ନାୟକ, ଓମ୍ ପ୍ରକାଶ ମିଶ୍ର, ତାପସ କୁମାର ଦାସ, ଜଗବନ୍ଧୁ ଚାନ୍ଦ, ପାର୍ଥସାରଥି ଦାସ, ମହେନ୍ଦ୍ର ପ୍ରତାପ ଜେନା, ସପନ କୁମାର ବେହେରା, ସୁପ୍ରିତ ସୁବ୍ରମନ୍ୟ, ସୋନାଲି ପ୍ରିୟଦର୍ଶିନୀ, ହିମାଂଶୁ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

ଧ୍ୱଂସ ମୁଖରେ

# ଐତିହାସିକ ରାଇବଣିଆ ଦୁର୍ଗ



ରାଇବଣିଆ ଦୁର୍ଗ ଦ୍ୱାରର ଅବଶେଷ।

- ଅତୀତର ସ୍ମୃତି ବଖାଣୁଛି ଭଗ୍ନାବଶେଷ
- ନା ସୁରକ୍ଷା ନା ଭିତ୍ତିଭୂମିର ବିକାଶ
- ମୂଲ୍ୟବାନ ପଥର ଲୁଟି ନେଉଛନ୍ତି ବଙ୍ଗମାଫିଆ

**ଶ୍ରୀକୃଷ୍ଣ ଗୁପ୍ତା**
**ଜଳେଶ୍ୱର, ୨୬।୬**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସୁବର୍ଣ୍ଣରେଖା ଅବବାହିକାରେ ଅବସ୍ଥିତ ପ୍ରାଚୀନ ରାଇବଣିଆ ଦୁର୍ଗ ଏଯାଏ ଅବହେଳିତ ହୋଇ ରହିଛି। ଏହାର ଭଗ୍ନ ପ୍ରାଚୀର ଓ ଅନ୍ୟ ସ୍ଥାପତ୍ୟ କ୍ରମେ ଜରାଜୀର୍ଣ୍ଣ ହେବାରେ ଲାଗିଛି। ସୁବର୍ଣ୍ଣରେଖା ସଂସ୍କାର ଯୋଜନାରେ ଗଡ଼ ମଧ୍ୟଦେଇ କେନାଲ ଖୋଳି ଐତିହାସିକ କୀର୍ତ୍ତିରାଜିକୁ ନଷ୍ଟ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୁର୍ଗ ନିର୍ମାଣ ବେଳେ ବ୍ୟବହାର ହୋଇଥିବା ମୂଲ୍ୟବାନ ପଥରଗୁଡ଼ିକୁ ବଙ୍ଗମାଫିଆମାନେ ରାତି ସମୟରେ ଚୋରି କରି ନେଉଥିଲେ ମଧ୍ୟ ଏହାର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଐତିହାସିକ ଓ ଗବେଷକଙ୍କ ଲାଗି ଆକର୍ଷଣ ସାଜିଥିବା ଏହି ଦୁର୍ଗ ପ୍ରଶାସନିକ ଅବହେଳା କାରଣରୁ ପର୍ଯ୍ୟଟକଙ୍କୁ ସେଭଳି ଆକୃଷ୍ଟ କରିପାରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

ବାଲେଶ୍ୱର ଓ ପଶ୍ଚିମବଙ୍ଗ ସୀମା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ପଶ୍ଚିମ କୂଳ ତଥା ଓଡ଼ିଶାର ଠିକ୍ ଉତ୍ତର-ପୂର୍ବ କୋଣରେ ଦ୍ୱାଦଶରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଏହି ଦୁର୍ଗ ନିର୍ମିତ ହୋଇଥିବା କୁହାଯାଏ। ଏହା ମଧ୍ୟରେ ଜୟଚଣ୍ଡୀ ମନ୍ଦିର, ଜଗନ୍ନାଥ ମନ୍ଦିରର ଧ୍ୱଂସାବଶେଷ ରହିଛି। ଏହାଛଡା ନିରୀକ୍ଷଣ ସ୍ତମ୍ଭ, ପ୍ରାଚୀରରେ ଢୋଲଘର ଏବଂ ନନ୍ଦିକା, କୌଶଲ୍ୟା, ଦିଘି, ବଜ୍ରଘଣା, କାଉଡିଆ ଆଦି ୫୦ରୁ ଉର୍ଦ୍ଧ୍ୱ ପୁଷ୍କରିଣୀ ରହିଛି। ଇଂରେଜମାନେ ଓଡ଼ିଶା ଦଖଲ କରିବା ପରେ ଦୁର୍ଗ ଆଭ୍ୟନ୍ତରରେ ନୀଳ ଚାଷ କରିବା ସହ ନନ୍ଦିକା ପୁଷ୍କରିଣୀ କୂଳରେ ଏକ ନୀଳକୋଠା ନିର୍ମାଣ କରିଥିଲେ। ସେହିପରି ଦମଦମୀ ପୋଲ, ବଡ଼ବାଡ଼ି, ଯୋଡ଼ାହଳିଆ କୂଅଁ, କବାଟଘାଟି ଓ ହାତୀଗଡ଼ ଭଳି ଦର୍ଶନୀୟ ସ୍ଥାନ ରହିଛି। ପର୍ଯ୍ୟଟନ କେନ୍ଦ୍ର ଘୋଷଣା ସତ୍ତ୍ୱେ ରାଜ୍ୟ ସରକାର, ପର୍ଯ୍ୟଟନ ଓ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସୁରକ୍ଷା ଓ ବିକାଶ ଲାଗି ଆଶାନୁରୂପ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି ଆଶ୍ରୟ ସ୍ଥଳ ନାହିଁ କି ବିଜୁଳି, ପାଣିର ବ୍ୟବସ୍ଥା ନାହିଁ। ଗଡ଼ ମଧ୍ୟକୁ ଯାତାୟାତ ଲାଗି ପ୍ରଶସ୍ତ ରାସ୍ତା ସୁବିଧା କରାଯାଇ ନାହିଁ। ରାଜ୍ୟ ସରକାର ଏହି ଗଡ଼ ମଧ୍ୟରେ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ବି କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି। ପୂର୍ବତନ ଏମପି ଇଂ ରବୀନ୍ଦ୍ର କୁମାର ଜେନା ଚଣ୍ଡୀମନ୍ଦିର ନିର୍ମାଣ ଲାଗି ଅର୍ଥ ପ୍ରଦାନ କରିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନାହିଁ।

ରାଇବଣିଆ ଦୁର୍ଗର ଐତିହ୍ୟକୁ ନେଇ ସ୍ଥାନୀୟ ଲୋକେ ଗର୍ବ ଅନୁଭବ କରିଥାନ୍ତି। ଦୁର୍ଗ ସହିତ ମହାଭାରତ ଯୁଗର କିମ୍ବଦନ୍ତୀ ଜଡିତ ହୋଇ ରହିଛି। ସେସମୟରେ ଏହି ଅଞ୍ଚଳ ମତ୍ସ୍ୟ ଦେଶ ଭାବେ ପରିଚିତ ଥିଲା। ଏହା ରାଜା ବିରାଟଙ୍କ ରାଜ୍ୟର ଦୁର୍ଗ ଥିଲା। ବାହ୍ୟଶତ୍ରୁଙ୍କ ଆକ୍ରମଣକୁ ପ୍ରତିହତ କରିବା ଲାଗି ମଧ୍ୟ ଯୁଗରେ ଓଡ଼ିଆ ଶିଳ୍ପୀଙ୍କ ହାତରେ ଏହି ଦୁର୍ଗ ପୁନର୍ବାର ଗଢି ଉଠିଥିଲା। କାଳକ୍ରମେ ଏହା ଆଫଗାନ, ମୋଗଲ, ମରହଟ୍ଟା ଓ ଶେଷରେ ଇଂରେଜଙ୍କ ଶାସନାଧୀନ ହୋଇଥିଲା। ଇଂରେଜ ଶାସନ ସମୟରେ ବାଲେଶ୍ୱର ଜିଲାର ପୂର୍ବତନ ଜିଲାପାଳ ଜନ୍ ବୀମ୍‌ସ (ଖ୍ରୀ.୧୮୭୨) ଏହା ପୂର୍ବ ଭାରତର ବୃହତମ ଦୁର୍ଗ ଥିଲା ବୋଲି ଉଲ୍ଲେଖ କରି ଯାଇଛନ୍ତି। ଦୁର୍ଗର କ୍ଷେତ୍ରଫଳ ଥିଲା ୬ ବର୍ଗ ମାଇଲ। ଏହା ପଞ୍ଚକୋଣିଅ ଦୁର୍ଗ ଥିଲା। ପୂର୍ବ ପ୍ରାଚୀରର ଲମ୍ବ ୧୬୫୦ ଗଜ ଥିବା ବେଳେ ପଶ୍ଚିମ ପାଚୀରର ଲମ୍ବ ୧୬୫୦ଗଜ, ଉତ୍ତର-ପଶ୍ଚିମ ପ୍ରାଚୀର ୮୮୦ ଗଜ, ଦକ୍ଷିଣ-ପଶ୍ଚିମ ପ୍ରାଚୀର ୧୫୫୦ ଗଜ ଓ ଦକ୍ଷିଣ ପ୍ରାଚୀରର ଲମ୍ବ ୮୮୦ ଗଜ ଲମ୍ବ ରହିଥିଲା। ପ୍ରାଚୀର ମୂଳପତନର ଓସାର ୧୧୨ ଫୁଟ୍ ଓ ଉଚ୍ଚତା ୫୦ ଫୁଟ୍ ରହିଥିଲା। ପ୍ରାଚୀର ଶୀର୍ଷଦେଶ ଦେଇ ଘୋଡ଼ା ସବାର ଯାଇପାରୁଥିଲା। ଦୁର୍ଗ ଚାରିପଟେ ଗଭୀର ଓ ଓସାରିଆ ଗଡ଼ଖାଇ ରହିଥିଲା। ଏହି ଖାଇଠାରୁ ପ୍ରାୟ ଅଧମାଇଲ ଦୂରରେ ଅନ୍ୟ ଏକ ଗଡ଼ଖାଇ ଥିଲା। ରାଇବଣିଆ ଦୁର୍ଗର ପୂର୍ବ ଦ୍ୱାରକୁ ଘଣ୍ଟ ବା ସିଂହଦ୍ୱାର, ପଶ୍ଚିମକୁ ହାତୀଦ୍ୱାର ଓ ଦକ୍ଷିଣକୁ ସୁନାମୁଖୀ ଦ୍ୱାର କୁହାଯାଉଥିଲା। ଉତ୍ତରକୁ କୌଣସି ଦ୍ୱାର ନ ଥିଲା। ବର୍ତ୍ତମାନ ଦକ୍ଷିଣ ଦ୍ୱାର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ପୂର୍ବ ଓ ପଶ୍ଚିମ ଦ୍ୱାରର ଭଗ୍ନାବଶେଷ ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର କହିଛନ୍ତି।

ଉଲ୍ଲେଖନୀୟ ଯେ, ୧୨୪୩ରୁ ୧୨୪୬ ଖ୍ରୀଷ୍ଟାବ୍ଦ ଯାଏ ବଙ୍ଗର ତତ୍କାଳୀନ ଶାସକ ତଘୁଲ ତୁଘାନ ଖାଁଙ୍କ ସହିତ ଉତ୍କଳ ସମ୍ରାଟ ନରସିଂହ ଦେବଙ୍କର ଯୁଦ୍ଧ ହୋଇଥିଲା। ଏହି ଦୁର୍ଗ ଓଡ଼ିଆ ସେନାଙ୍କ ବିଜୟରେ ସହାୟକ ହୋଇଥିଲା ବଙ୍ଗର ଏକ ବିଶାଳ ଭୂଖଣ୍ଡ(ରାଢ଼ ଅଞ୍ଚଳ) ସେତେବେଳେ ଓଡ଼ିଶା ଅଧୀନକୁ ଆସିଥିଲା। ୧୫୬୮ରେ ଉତ୍କଳର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ନିଧନ ଯାଏଁ ଏହା ଓଡ଼ିଶାର ଅଂଶବିଶେଷ ହୋଇ ରହିଥିଲା। କଥା ସମ୍ରାଟ ଫକୀରମୋହନ ସେନାପତି ଏହି ଦୁର୍ଗର ପୃଷ୍ଠଭୂମିରେ ପ୍ରସିଦ୍ଧ 'ଲଛମା 'ଉପନ୍ୟାସ ରଚନା କରିଛନ୍ତି। ସେହିପରି ଜାତୀୟତାବାଦୀ କବି ଗୋଦାବରୀଶ ମହାପାତ୍ର ଏହାର ଗୌରବୋଜ୍ଜ୍ୱଳ ଅତୀତକୁ ସ୍ମରଣକରି ତାଙ୍କ କବିତାରେ 'ରାଇବଣିଆର ରଣସଂଗୀତ' କଥା ଉଲ୍ଲେଖ କରିଛନ୍ତି। ଏହି ଐତିହାସିକ ଦୁର୍ଗର କୀର୍ତ୍ତିରାଜିର ସୁରକ୍ଷା ଅପରିହାର୍ଯ୍ୟ ହୋଇ ପଡିଛି ବୋଲି ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଆଇନଜୀବୀ ଚିନ୍ମୟ କୁମାର ଦାସ, ପୂର୍ବତନ ସରପଞ୍ଚ ଅଜୟ କୁମାର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

### ଶ୍ରମିକଙ୍କୁ ମଜୁରି ନ ଦେଇ ଠିକାଦାର ଚମ୍ପଟ

**ସୋର, ୨୬।୬(ଡି.ଏନ୍.ଏ.):** ଜଣେ ବିହାରୀ ଠିକାଦାର କନ୍ଧମାଳ ଅଞ୍ଚଳରୁ ଗରିବ ଶ୍ରମିକଙ୍କୁ ଆଣି ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ୪ ମାସ ଗୃହ ନିର୍ମାଣ କାର୍ଯ୍ୟରେ ଲଗାଇଥିଲେ। ସେମାନଙ୍କୁ ବକେୟା ପ୍ରାପ୍ୟ ନ ଦେଇ ଠିକାଦାର ଫେରାର ହୋଇଯାଇଥିବା ନେଇ ଶ୍ରମିକମାନେ ସୋର ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, କନ୍ଧମାଳ ଜିଲାର ଚାତୁଙ୍ଗିଆ କୁନାମହା, ମହାଗୁଡ଼ା, ବାସାପାଟା ଓ ମାହାଙ୍ଗିଆ ଅଞ୍ଚଳରୁ ୧୦ରୁ ଉର୍ଦ୍ଧ୍ୱ ଶ୍ରମିକ ଆସି ଗତ କିଛି ବର୍ଷହେଲା ଭୁବନେଶ୍ୱରରେ ରହି କାମ କରୁଥିଲେ। ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ଏହି ଠିକାଦାର ଅଧିକ ମଜୁରି ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କୁ ସୋର ବ୍ଲକ ସରଶଂଖ ଗ୍ରାମକୁ ଆଣି ରଖାଇଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା ପକ୍କାଘର ନିର୍ମାଣ କାମରେ ସେମାନଙ୍କୁ ଲଗାଇଥିଲେ। ଏଠାରେ ସପ୍ତାହକୁ ମାତ୍ର ୫୦୦ଟଙ୍କା ଖାଇବା ବାବଦକୁ ଦେଇ ଆଉ କିଛି ପାରିଶ୍ରମିକ ଦେଇ ନ ଥିଲେ। ରଜ ସମୟରେ ଶ୍ରମିକମାନେ ଘରକୁ ଯିବା ପାଇଁ ମଜୁରି ମାଗିବାରୁ ଠିକାଦାର ଟଙ୍କା ନ ଦେବାରୁ ସେମାନେ ସୋର ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ଏହି ଶ୍ରମିକଙ୍କୁ ବକେୟା ମଜୁରି ବାବଦକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ୩ ଦିନ ପରେ ପ୍ରଦାନ କରିବେ ବୋଲି ସମ୍ପୃକ୍ତ ଠିକାଦାର କୁଆଡେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଶ୍ରମିକମାନେ ଭୋକ ଉପବାସରେ ୧୦ ଦିନ ଅପେକ୍ଷା କରି ପ୍ରାପ୍ୟ ନ ପାଇବାରୁ ପୁଣି ଥାନାରେ ଅଭିଯୋଗ କରି ଭୁବନେଶ୍ୱର ଫେରିଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଥିବା କହିଛି।



ବେଲୁନ୍ ବିକାଳି ମଙ୍ଗୁରାମ ଓ ସ୍ତ୍ରୀ।

## ବାରବୁଲା ଜୀବନ: ବେଲୁନ୍ ଦେଇଛି ଜୀବିକା

**ପ୍ରଦୀପ ଦାସ**
**ଭୋଗରାଇ, ୨୬।୬**

୨୫ବର୍ଷର ଯୁବକ ମଙ୍ଗୁରାମଙ୍କ ଘର ରାଜସ୍ଥାନ ଜୟପୁର ଅଞ୍ଚଳରେ। ସେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳକୁ ପ୍ରତିବର୍ଷ ଆସି ବିଭିନ୍ନ ଗାଁ ବୁଲି ଓ ହାଟ, ବଜାର ଓ ମେଳାକୁ ଯାଇ ବିଭିନ୍ନ କିସମର ବେଲୁନ ବିକିଥାନ୍ତି। ଏଥର ସେ ଭୋଗରାଇ ଅଞ୍ଚଳକୁ ଆସି ତାଙ୍କ ଜୀବନସାଥୀ ସୀମା (୨୩) ଓ ୨ବର୍ଷର ଝିଅ ମନିକାଙ୍କୁ ନେଇ ଏହି ବେପାର ଚଳାଇଛନ୍ତି। ରାତି ହେଲେ ସୁବିଧା ଜାଗା ଦେଖି ରାତ୍ରି ଯାପନ କରନ୍ତି। କେବେ କେବେ ଅସ୍ଥାୟୀ ତମ୍ବୁ ଘର କରି ରହିଥାନ୍ତି। ଏଭଳି ଭାବେ ସେ ଦୀର୍ଘ ୧୩ବର୍ଷ ଧରି ଭୋଗରାଇ ଅଞ୍ଚଳକୁ ଆସି ବେଲୁନ୍ ବିକି ଅର୍ଥ ଉପାର୍ଜନ କରି ପରିବାର ଚଳାଉଛନ୍ତି। ଅଭାବ ଅନଟନ ଥିଲେ ବେଲୁନ ବେପାର ତାଙ୍କ ମନରେ ଭରି ଦେଇଛି ଆତ୍ମବିଶ୍ୱାସ। ଖରା, ବର୍ଷା, ଶୀତ, କାକରକୁ ଖାତିର ନ କରି ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ କିସମର ବେଲୁନ୍ ବିକି ଅନ୍ୟଙ୍କୁ ଖୁସି ବାଣ୍ଟି ଆସୁଛନ୍ତି।

ମଙ୍ଗୁରାମ କୁହନ୍ତି, ଆମେ ବାରବୁଲା ସମ୍ପ୍ରଦାୟର ଲୋକ। ବିଭିନ୍ନ ବୃତ୍ତିକୁ ଆପଣାଇ ଜୀବନ ନିର୍ବାହ କରୁଛୁ। ତାଙ୍କୁ ୧୨ବର୍ଷ ହୋଇଥିବା ବେଳେ ସେ ବେଲୁନ୍ ବିକିବା ଆରମ୍ଭ କରିଥିଲେ। ପିଲାଦିନେ ବାପାଙ୍କୁ ହରାଇବାରୁ ପାଠ ପଢ଼ିପାରି ନ ଥିଲେ। ମା' ରୂପାଦେଈ ବେଲୁନ୍ ବିକି ଅର୍ଥ ଉପାର୍ଜନ କରିବାକୁ ପ୍ରବର୍ତ୍ତାଇଥିଲେ। ସେବେଠାରୁ ଏହି ବେଲୁନ୍ ବେପାର ତାଙ୍କ ସଂସାରକୁ ଦାନା ଦେଉଛି। ବିଭିନ୍ନ ଡିଜାଇନ୍‌ର ଆକର୍ଷଣୀୟ ବେଲୁନ ତିଆରି କରି ବିକୁଥିବାରୁ ଏହା ତାଙ୍କ ରୋଜଗାର ବଢାଇବାରେ ସହାୟକ ହୋଇଛି।

ପ୍ରତିଦିନ ସକାଳୁ ଉଠି ମଙ୍ଗୁରାମ ଏକ ବେତବାଡ଼ିରେ ପ୍ରସ୍ତୁତ ବେଲୁନ୍‌କୁ ସୁନ୍ଦର ଭାବେ ସଜାଇ ବିଭିନ୍ନ ସ୍ଥାନକୁ ଚାଲି ଚାଲି ଯାଇ ବିକିଥାନ୍ତି। ସନ୍ଧ୍ୟାରେ ରହଣି ସ୍ଥାନକୁ ଫେରିଆସନ୍ତି। ସ୍ତ୍ରୀ ସୀମା ବେଲୁନ୍ ପ୍ରସ୍ତୁତି ଲାଗି ସାହାଯ୍ୟ କରିଥାନ୍ତି। ବିଭିନ୍ନ ସମୟରେ ମଙ୍ଗୁରାମ କଲିକତା ଯାଇ ବେଲୁନ୍ ପ୍ୟାକେଟ୍ କିଣି ଆଣନ୍ତି। ସେଥିରେ ସିରିଞ୍ଜି ଦ୍ୱାରା ପବନ ପୂରାଇ ତାକୁ ବିଭିନ୍ନ ପଶୁପକ୍ଷୀ ରୂପ ଦେଇଥାନ୍ତି। ବେଲୁନ୍‌ରେ ସେ ବିଭିନ୍ନ ଡିଜାଇନ୍‌ର କାର୍ଟୁନ୍ ତିଆରି କରିଥାନ୍ତି। ଏହାକୁ ଲୋକେ ପିଲାଛୁଆଙ୍କ ଖେଳିବା ଓ ଘରେ ସାଇତି ରଖିବା ପାଇଁ କିଣି ନେଇଥାନ୍ତି। ବେଲୁନ୍ କାର୍ଟୁନ ଓ ଅନ୍ୟ ପ୍ରତିକୃତିକୁ ସେ ୫୦ରୁ ୬୦ ଟଙ୍କାରେ ବିକ୍ରି କରିଥାନ୍ତି। ଦୈନିକ ୨ରୁ ୩ ହଜାର ଟଙ୍କାର ବେଲୁନ୍ ବିକ୍ରି କରୁଥିବା ସେ କହିଛନ୍ତି। ବେଲୁନ୍ ବେପାର କରି ସେମାନେ ଭଲରେ ସଂସାର ଚଳାଉଥିବା ମଙ୍ଗୁଙ୍କ ସ୍ତ୍ରୀ ସୀମା କହିଛନ୍ତି।

## ମୃତ ନବଜାତ ଶିଶୁକୁ କୁକୁର ଖାଇଲା

**ବାଲେଶ୍ୱର ଅଫିସ, ୨୬।୬**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଅପରାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମୁଖ୍ୟ ଚିକିତ୍ସାଳୟର ମା' ଓ ଶିଶୁ ବିଭାଗ ନିକଟରେ ଏକ ନବଜାତ ଶିଶୁର ମୃତଦେହକୁ କୁକୁରମାନେ ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ସେଠାରେ ଥିବା ରୋଗୀଙ୍କ ସମ୍ପର୍କୀୟମାନେ ଏହି ଦୃଶ୍ୟ ଦେଖି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ମେଡ଼ିକାଲର ଝାଡୁଦାର ମୃତ ଶିଶୁକୁ ସେଠାରୁ ନେଇ ଅନ୍ୟତ୍ର ଫିଙ୍ଗି ଦେଇଥିଲେ। ଏ ଶିଶୁଟି କାହାର ଓ କେଉଁ ପରିସ୍ଥିତିରେ ସେଠାକୁ ଆସିଲା ସେ ବିଷୟରେ ମେଡ଼ିକାଲ ପକ୍ଷରୁ କୌଣସି ସୂଚନା ମିଳି ନାହିଁ। କିଛିଦିନ ପୂର୍ବରୁ ଏମିତି ଏକ ଘଟଣା ସୋର ମେଡ଼ିକାଲ ପରିସରରେ ଘଟିଥିଲା। ପୁନଶ୍ଚ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟିବା ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି।

## ଗୃହରକ୍ଷୀଙ୍କ ସମସ୍ୟା ସମାଧାନ ଦାବିରେ ଜିଲା କମିଟି ବୈଠକ

**ବାଲେଶ୍ୱର ଅଫିସ, ୨୬।୬**

ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘର ବାଲେଶ୍ୱର ଜିଲା କମିଟି କର୍ମକର୍ତ୍ତାମାନଙ୍କର ଏକ ଜରୁରୀ ବୈଠକ ପଦୁଆଁପଦା ସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲାର ବିଭିନ୍ନ ଥାନା ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟକରିଥିବା ଗୃହରକ୍ଷୀମାନଙ୍କୁ ପୁନଃନିଯୁକ୍ତି ନଦେଇ ନୂତନ ଗୃହରକ୍ଷୀ ନିଯୁକ୍ତି କରାଯିବାକୁ ବୈଠକରେ ଦୃଢ଼ ବିରୋଧ କରାଯାଇଥିଲା। ଏମାନଙ୍କୁ ପୁନଃନିଯୁକ୍ତି ଦେବା ପାଇଁ ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ମୁଖ୍ୟ ଦପ୍ତରର ଆଦେଶକୁ ଜିଲା ଗୃହରକ୍ଷୀ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭାରତସରକାରଙ୍କ ଗୃହରକ୍ଷୀ ଡାଇରେକ୍ଟର ଜେନେରାଲ୍, ଫାୟାର ସର୍ଭିସ୍, ସିଭିଲ୍ ଡିଫେନ୍ସ ସମସ୍ତ ରାଜ୍ୟ ସରକାରଙ୍କୁ ଗୃହରକ୍ଷୀମାନଙ୍କ ସମସ୍ୟାର ସମାଧାନ କରିବାକୁ ଗତ ୨୦୧୮ ଅପ୍ରେଲ ୧୧ ତାରିଖରେ ଦେଇଥିବା ଆଦେଶକୁ ଓଡ଼ିଶା ସରକାର କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଥିଲା। ମହାସଂଘର ଉପସଭାପତି କାଳିଚରଣ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ପ୍ରଦୀପ ରାଉତ, ସୁବାସ ଚନ୍ଦ୍ର ଭୂୟାଁ, ଏଲ୍. ଜେନା, ୟୁ. ମହାନ୍ତ ଓ ବିଶ୍ୱନାଥ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ଶ୍ରମିକନେତା ତଥା ଆଇନଜୀବି ଭାଗବତ ପ୍ରତିହାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ରାଧା ଜେନା ଧନ୍ୟବାଦ ଦେଇଥିଲେ।

## ନାବାଳିକା ବଳାତ୍କାର ମାମଲା: ୧୦ବର୍ଷ ଜେଲ ଦଣ୍ଡାଦେଶ

**ବାଲେଶ୍ୱର ଅଫିସ, ୨୬।୬**

ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ନ ଦେଲେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ।

ମକଦ୍ଦମା ବିବରଣୀ ଅନୁଯାୟୀ ଚାନ୍ଦିପୁର ଥାନା ବାଙ୍କପଦା ଗ୍ରାମର ବାପୁନି ସିଂ (୨୦) ଉକ୍ତ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ କୈବର୍ତ୍ତ ପୂର୍ଣ୍ଣମୀ ଦିନ ଠାକୁର ଦେଖାଇବା ବାହାନାରେ ଘରୁ ଡାକି ନେଇଯାଇଥିଲେ। ଦୀର୍ଘସମୟ ଧରି ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦିପୁର ପୋଲିସ ଏ ନେଇ ଏକ ମାମଲା (ନଂ. ୮୯/୧୭-୧୮) ରୁଜୁ କରି ତଦନ୍ତ କରୁଥିଲା। ୪ଦିନ ପରେ ଅଭିଯୁକ୍ତ ବାପୁନି ଏହି ନାବାଳିକାକୁ ବାହାରକୁ ନେଇଯିବା ଲାଗି ଉଦ୍ୟମ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ବାଲେଶ୍ୱର ରେଳ ଷ୍ଟେଶନରୁ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପରେ ପୋକ୍ସୋ ଆକ୍ଟ ଭିତ୍ତିରେ ରୁଜୁ ହୋଇଥିବା ମାମଲା (ନଂ. ୩୭୯/୨୦୧୭)ର ବିଚାର କୋର୍ଟରେ କରାଯାଇଥିଲା। ୧୫ ଜଣ ସାକ୍ଷ୍ୟପ୍ରମାଣ ଓ ୨୦ ଦସ୍ତାବିଜ୍ ଅନୁଯାୟୀ ବିଚାରପତି ଶ୍ରୀମତୀ ଷଡ଼ଙ୍ଗୀ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଦଣ୍ଡଶଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।






ସ୍କୁଲ ଆଗରେ ଜମା ହୋଇଥିବା ଅଭିଭାବକ ଓ ଗ୍ରାମବାସୀ ଏବଂ ଘଟଣାସ୍ଥଳରେ ପହଞ୍ଚିଥିବା ଦମକଳ।

## ମଧ୍ୟାହ୍ନଭୋଜନ ରୋଷେଇ ବେଳେ ଅଗ୍ନିକାଣ୍ଡ

### ଗ୍ୟାସ୍ ସିଲିଣ୍ଡରରୁ ଲାଗିଲା ନିଆଁ: ବର୍ତ୍ତିଗଲେ ଛାତ୍ରୀଛାତ୍ର

**ଜଳେଶ୍ୱର, ୨୬।୬ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନାମ୍ପୋ ସେଣ୍ଟ୍ରାଲ ପ୍ରାଇମେରୀ ସ୍କୁଲର ରୋଷେଇ ଘରେ ବୁଧବାର ମଧ୍ୟାହ୍ନ ଭୋଜନ ରନ୍ଧାଯାଉଥିବା ସମୟରେ ବ୍ୟବହୃତ ଗ୍ୟାସ ସିଲିଣ୍ଡର ପାଇପ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ଆଶଙ୍କା କରି କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକ ଶତାଧିକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଥିଲେ। ଖବରପାଇ ଜଳେଶ୍ୱରରୁ ଅଗ୍ନିଶମ ବିଭାଗ କର୍ମଚାରୀ ସ୍କୁଲରେ ପହଞ୍ଚିବା ପୂର୍ବରୁ ସ୍କୁଲରେ କାର୍ଯ୍ୟରତ କର୍ମଚାରୀ ଗ୍ୟାସ ସିଲିଣ୍ଡର ରେଗୁଲେଟରକୁ ତୁରନ୍ତ ବନ୍ଦ କରିବା ଦ୍ୱାରା ଅଗ୍ନିକାଣ୍ଡରୁ ସ୍କୁଲ ଗୃହ ବର୍ତ୍ତି ଯାଇଥିଲା। ଖବର ପାଇ ବହୁ ଅଭିଭାବକ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ହୋହଲ୍ଲା କରିଥିଲେ।

## ମେଡିକାଲ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି ଦାବି ତେଜିଲା

### କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ଚେତାବନୀ

**ବାଲେଶ୍ୱର ଅଫିସ, ୨୬।୬**

ବାଲେଶ୍ୱର ଫକୀରମୋହନ ସରକାରୀ ମେଡ଼ିକାଲ୍ କଲେଜରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଭ ଲାଗି ସିଟ୍ ସଂଖ୍ୟା ବୃଦ୍ଧି କରାଯିବା ସକାଶେ ମେଡ଼ିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ (ଏମ୍.ସି.ଆଇ.) ନିକଟରେ ଦାବି କରାଯାଇଛି। ବାଲେଶ୍ୱର ସରକାରୀ ମେଡ଼ିକାଲ୍ କଲେଜର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ନେଇ ବୁଧବାର ଲିଖିତ ଭାବେ ଦାବି କରାଯାଇଥିବା କ୍ରିୟାନୁଷ୍ଠାନ କମିଟିର ସଭାପତି ପ୍ରଫେସର ଅନନ୍ତ କୁମାର ପ୍ରଧାନ ଏବଂ ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ା ପ୍ରେସ୍ ବିବୃତି ଦେଇ ଜଣାଇଛନ୍ତି।

୨୦୧୮-୧୯ ଶିକ୍ଷାବର୍ଷରୁ ୧୦୦ ସିଟ୍ ବିଶିଷ୍ଟ ବାଲେଶ୍ୱର ଫକୀରମୋହନ ସରକାରୀ ମେଡ଼ିକାଲ୍ କଲେଜ ଆରମ୍ଭ ହୋଇଛି। ଏହି ଶିକ୍ଷାନୁଷ୍ଠାନ ସମେତ ୩୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ୍ ପାଇଁ ରାଜ୍ୟ ସରକାର ୨୦୧୪ରେ ସ୍ୱାସ୍ଥ୍ୟବିଭାଗକୁ ଆବଶ୍ୟକ ଜମି ପ୍ରଦାନ କରିଥିଲେ। ବାଲେଶ୍ୱର ରାଜ୍ୟର ଏକ ଉପାନ୍ତ ଜିଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟରୁ ବହୁ ରୋଗୀ ଏହି ମେଡିକାଲ୍ କଲେଜ୍ ହସ୍‌ପିଟାଲକୁ ଚିକିତ୍ସା ପାଇଁ ଆସୁଛନ୍ତି। ଗତବର୍ଷ ଠାରୁ ରୋଗୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ମେଡିକାଲ୍ କଲେଜ୍‌ର ୧୦୦ରୁ ଅଧିକ ଶିକ୍ଷାର୍ଥୀଙ୍କ ପଢିବା ଲାଗି ଆବଶ୍ୟକ ଭିତ୍ତିଭୂମି ଓ ଗମନାଗମନ ସୁବିଧା ରହିଛି। ଏମ୍.ସି.ଆଇ. ଏଥର ଅନ୍ୟ କେତେକ ମେଡିକାଲ କଲେଜରେ ଆସନ ସଂଖ୍ୟା ବୃଦ୍ଧି କରିଥିବା ବେଳେ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜକୁ ଉପେକ୍ଷା କରିବା ଜିଲାବାସୀଙ୍କୁ ବିସ୍ମିତ କରିଛି ।ଡାକ୍ତରୀ ଶିକ୍ଷାଦାନ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି କରା ନ ଗଲେ ଜିଲାବାସୀଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ସରକାରଙ୍କୁ ଚେତାବନୀ ଦେଇଛି। ଜିଲାବାସୀଙ୍କ ଦାବି ଓ ଉଦ୍‌ବେଗକୁ ରାଜ୍ୟ ଓ କେନ୍ଦ୍ରସରକାର ବିଚାର କରି ଏମ୍.ସି.ଆଇ.କୁ ଜଣାଇ ସ୍ଥାନୀୟ ସରକାରୀ ମେଡିକାଲ୍ କଲେଜରେ ଚଳିତବର୍ଷ ଅନ୍ୟୁନ ଅଧିକ ୫୦ଟି ସିଟ୍ ବୃଦ୍ଧି କରିବାକୁ କ୍ରିୟାନୁଷ୍ଠାନ କମିଟି ଦାବି କରିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୧ ଆହତ

ରାଇରଙ୍ଗପୁର, ୨୬।୬(ଡି.ଏନ୍.ଏ.) - ରାଇରଙ୍ଗପୁର ସହରାଞ୍ଚଳ ହର ପାର୍ବତୀ ପୂଜା ମଣ୍ଡପ ନିକଟବର୍ତ୍ତୀ ୨୨୦ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏକ ଇଣ୍ଡିଗୋ କାର ସହ ନମ୍ବର ବିହୀନ ପିକ୍‌ଅପ୍ ଗାଡ଼ି ଧକ୍କା ହୋଇଥିଲା। ଫଳରେ ଇଣ୍ଡିଗୋରେ ଥିବା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦାମବେଡ଼ା ଗ୍ରାମର ଗୋବିନ୍ଦ ମୁର୍ମୁ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପି.ଆରଏମ୍ ମେଡ଼ିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଉକ୍ତ ଇଣ୍ଡିଗୋରେ ଥିବା ଭକ୍ତ ମୁର୍ମୁ ଆହତ ହୋଇ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି।

### ୪ ମଦ ବେପାରୀ ଗିରଫ

ରାଇରଙ୍ଗପୁର/ବେତନଟୀ, ୨୬।୬ (ଡି.ଏନ୍.ଏ)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ କୋଇଲିସୂତା - ବିଜାତଳା ରାସ୍ତାରେ ଯାଞ୍ଚ ବେଳେ ପୋଲିସ ୨ ମଦ ବେପାରୀଙ୍କୁ ସୋମବାର ଗିରଫ କରିଛି। ସେମାନଙ୍କଠାରୁ ଏକ ବାଇକ ଓ ୨୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଗିରଫ ମଦ ବେପାରୀ ଦ୍ୱୟ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ଗ୍ରାମର ରାମଜିତ ମୁର୍ମୁ ଓ ଶିବ ଚରଣ ମାରାଣ୍ଡି। ପୋଲିସ ଏହି ଘଟଣାରେ ଏକ ମାମଲା( ନଂ.୪୭/୧୯) ରୁଜୁ କରି କରିଛି।

ସେହିପରି ବେତନଟୀ ଅବକାରୀ ଥାନା ଅଧିକାରୀ ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଓ ଖୁଣ୍ଟା ଅବକାରୀ ଥାନା ପୋଲିସ ମଙ୍ଗଳବାର ୨ ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ବେତନଟୀ ଓ ବୈଶିଙ୍ଗା ଥାନା ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ଚାନ୍ଦୁପଦା ଗ୍ରାମର ପ୍ରତାପ ବେହେରା ଓ ଖମାରୀ ଗ୍ରାମର ଶିରିଶ ପଣ୍ଡା ବୋଲି ଜଣା ପଡିଛି। ଫରେଷ୍ଟର୍ ଦାସରଥୀ ସାହୁ, ପ୍ରକାଶ ଦେବତା, ବିଜୟ ମହାନ୍ତ, ଦୁର୍ଗା ପ୍ରସାଦ ଗିରି, ହେମନ୍ତ ପାତ୍ର, ବୁଦ୍ଧଦେବ ମହାନ୍ତ, ଗୀତାଞ୍ଜଳି ଦାସ ପ୍ରମୁଖ ମଧ ଏହି ଚଢ଼ାଉରେ ସାମିଲ୍ ଥିଲେ।

### ଅଭିଯୁକ୍ତଙ୍କୁ ପୋଲିସର ସୁରକ୍ଷା
### କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଫେରାଦ

ବାରିପଦା ଅଫିସ,୨୬।୬: ମୟୂରଭଞ୍ଜ ଜିଲା ଝାଡପୋଖରିଆ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବେଲବରିଆ ଅଞ୍ଚଳର ସୁରୁକୁନି ବେହେରା ମଙ୍ଗଳବାର



ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ଆସିଥିବା ଅଭିଯୋଗକାରୀ।

ପରିବାର ସହ ଏସପିଙ୍କ ଠାରେ ଏହି ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଏସପି ଉପସ୍ଥିତ ନ ଥିବାରୁ ଅତିରିକ୍ତ ଏସପି ଜୟରାମ ଶତପଥୀ ଅଭିଯୋଗକାରୀଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଝାଡପୋଖରିଆ ଅଞ୍ଚଳର ରାଜେଶ ବେହେରା ଓ ମୁକେଶ ବେହେରା ଗତ ୨୦ତାରିଖରେ ସୁରୁକୁନିଙ୍କ ଘରେ ପଶି ତାଙ୍କ ପୁଅ ଖଗେଶ୍ୱରଙ୍କ ମୋବାଇଲରୁ ଡାଟା ଚୋରାଇ ନେଇ ବିଭିନ୍ନ ଅଶ୍ଳୀଳ ଫଟୋ ସାମାଜିକ ଗଣମାଧମରେ ପୋଷ୍ଟ କରିଥିଲେ। ପରଦିନ ଦିନ ୧୦ଟା ସମୟରେ ବମ୍ଫେଛକ ରାସ୍ତାରେ ଖଗେଶ୍ୱରଙ୍କୁ ଅଟକାଇ ସେମାନେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଦିନ ୪ଟା ସମୟରେ ମୁକେଶ ଏବଂ ତାଙ୍କ ଭାଇ ରାଜେଶ ତାଙ୍କ ଘରକୁ ଆସି ଖଗେଶ୍ୱରଙ୍କୁ ମାରଧର କରିବାରୁ ସେ ଅଚେତ ହୋଇ ପଡ଼ିଥିଲେ। ସୁକୁରୁନି ମଧ ସେମାନଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ଅଚେତ ଅବସ୍ଥାରେ ଖଗେଶ୍ୱରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଏକ ମାମଲା (ନଂ.୬୩/୧୯) ରୁଜୁ କରି ଚୁପ ବସିଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଏନେଇ ଅତିରିକ୍ତ ଏସପି ଶତପଥୀଙ୍କୁ ପଚାରିବାରୁ ଅଭିଯୋଗ ପାଇ ଝାଡପୋଖରିଆ ଥାନା ଅଧିକାରୀଙ୍କ ସହ ମଧ କଥା ହୋଇଛି ଓ ତୁରନ୍ତ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ମରାମତିରେ ମନ୍‌ମାନି
# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ବାରିପଦା ଅଫିସ,୨୬।୬

ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନର ଅଧକ୍ଷ ଧରମରାଜ ହାସଁଦାଙ୍କ ନେତୃତ୍ୱରେ ବୁଧବାର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଜିଲାରେ ରାସ୍ତାଘାଟ ସମସ୍ୟା ବହୁ ପରିମାଣରେ ରହିଛି। ଅନେକ ସ୍ଥାନ ଅଛି ଯେଉଁଠିକି ବର୍ତ୍ତମାନ ସୁଦ୍ଧା ରାସ୍ତା ନିର୍ମାଣ ହୋଇ ପାରି ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ପାଇଁ ଏଭଳି ସମସ୍ୟା ଦେଖାଦେଇଛି। ଯେଉଁ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି ତାହାକୁ ମରାମତି ନ କରି ଅଳ୍ପ ଖରାପ ହୋଇଥିବା ରାସ୍ତା ମରାମତି କରାଯାଉଛି। ଏଥିରେ ଠିକାଦାର ଅଧିକମାତ୍ରାରେ ଲାଭବାନ ହେଉଛନ୍ତି। ଏପରିକି ଗୋଟିଏ ରାସ୍ତାକୁ ବାରମ୍ବାର ମରାମତି କରାଯାଉଛି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବାରିପଦାରୁ ଚାନ୍ଦୁଆ ଯିବା ରାସ୍ତାରେ



କାର୍ଯ୍ୟାଳୟ ବାହାରେ ସଂଗଠନର କର୍ମକର୍ତ୍ତା।

ଜିୟାଣୀ କ୍ରସର ଠାରୁ ଝିନେଇ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ବର୍ଷା ଦିନେ ଏହି ରାସ୍ତାରେ ଆମ୍ବୁଲାନ୍ସ ଯିବା ମଧ ଅସମ୍ଭବ । ଏହି ସମସ୍ୟା ଉପରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ସଂଗଠନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଅଚଳ କରିଦେବ ବୋଲି ସାଧାରଣ ସମ୍ପାଦକ ବିଶ୍ୱଜିତ ମୁର୍ମୁ, ଗୌରାଙ୍ଗ ସୋରେନ, ରଜତ ହାସଁଦା, ସମ୍ରାୟ ମାର୍ଣ୍ଡି, ରବି ମାର୍ଣ୍ଡି, ଇଶ୍ୱର ମୁର୍ମୁ, ପାଲଟନ ଟୁଡୁ, ଥଳ ମୁର୍ମୁ, ବାଦଲ ମୁର୍ମୁ, ପୂର୍ଣ୍ଣ ହାସଁଦା, ଅଭି ହାସଁଦା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବନ୍ଦହେଲା ୧୦ ବିଦ୍ୟାଳୟ

ଖୁଣ୍ଟା/କୁଆମରା, ୨୬।୬ (ଡି.ଏନ.ଏ.)

ସରକାରଙ୍କ ନୂଆ ଶିକ୍ଷା ନୀତି ଅନୁଯାୟୀ ଖୁଣ୍ଟା ବ୍ଲକର ୨ ଓ ଗୋପବନ୍ଧୁନଗର ବ୍ଲକର ୮ ବିଦ୍ୟାଳୟ ଚଳିତ ଶିକ୍ଷା ବର୍ଷଠାରୁ ବନ୍ଦ ହୋଇଥିବା ସୂଚନା ମିଳିଛି । ଏହିସବୁ ବିଦ୍ୟାଳୟଗୁଡ଼ିକରେ ୧୦ ଜଣରୁ କମ ଛାତ୍ରୀଛାତ୍ର ଥିବାରୁ ବିଦ୍ୟାଳୟଗୁଡିକୁ ବନ୍ଦ କରାଯାଇ ନିକଟବର୍ତ୍ତୀ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଯାଇଛି। ବିଭାଗ ସୂଚନା ଅନୁଯାୟୀ ଖୁଣ୍ଟା ବ୍ଲକରେ ମୋଟ ୧୧୬ ପ୍ରଥମିକ ବିଦ୍ୟାଳୟ ଥିବାବେଳେ ସେଥି ମଧ୍ୟରୁ ମହନପୁର ପ୍ରାଥମିକ ଓ ଅଗ୍ନିକୁଆଁରୀ ପ୍ରାଥମିକ ବିଦ୍ୟାଳୟ ଦୁଇଟିକୁ ବନ୍ଦ କରାଯାଇଛି। ସେହିପରି ଗୋପବନ୍ଧୁନଗର ବ୍ଲକରେ ମୋଟ ୧୫୬ ବିଦ୍ୟାଳୟ ଥିବାବେଳେ ସେଥି ମଧ୍ୟରୁ ସାନଖୁଣ୍ଟା ପ୍ରାଥମିକ, ତିରଲଡିହି ପ୍ରାଥମିକ, ଡିମ୍ବଗଡ଼ିଆ ପ୍ରାଥମିକ, ଚମ୍ପାଗ ପ୍ରାଥମିକ, ଘଣ୍ଟଶିଳା ପ୍ରାଥମିକ, ବନ୍ଧସାହି ପ୍ରାଥମିକ, ତଳଗୋହୀରାଡ଼ିହା ପ୍ରାଥମିକ ଓ ତିରଲଡିହି ବି. ଏସ. ମଧୁସୂଦନ ଉଚ୍ଚପ୍ରାଥମିକ ସମେତ ମୋଟ ୮ଟି ବିଦ୍ୟାଳୟ ବନ୍ଦ କରାଯାଇଛି ।

## ୪୫ ମାଂସ କଟାଳିଙ୍କୁ ଜରିମାନା

ବାରିପଦା ଅଫିସ,୨୬।୬

ମୟୂରଭଞ୍ଜ ଜିଲା ବାରିପଦା ପୌରାଞ୍ଚଳର ରାସ୍ତା କଡ଼ରେ ଛେଳି, କୁକୁଡା ଆଦି କାଟି ବିକ୍ରି କରୁଥିବା ଅଭିଯୋଗରେ ୪୫ ମାଂସ କଟାଳିଙ୍କୁ ଭ୍ରାମ୍ୟମାଣ ଅଦାଲତ ଦ୍ୱାରା ବୁଧବାର ଦଣ୍ଡିତ କରାଯାଇଛି। ସେମାନଙ୍କଠାରୁ ୯,୫୫୦ ଟଙ୍କା ଜରିମାନା ଆଦାୟ ହୋଇଛି। ଜୀବେ ନିଷ୍ଠୁରତା ନିରାକରଣ ସମିତି (ଏସପିସିଏ) ଆନୁକୂଲ୍ୟରେ ବାରିପଦା ସବ ଡିଭିଜନାଲ ମାଜିଷ୍ଟ୍ରେଟ ଏସ.ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଭ୍ରାମ୍ୟମାଣ ଅଦାଲତକୁ ଏସପିସିଏ ପରିଦର୍ଶକ ଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶଶାଙ୍କ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଭ୍ରାମ୍ୟମାଣ ଅଦାଲତ ଆୟୋଜିତ ହୋଇଥିଲା। ଏହି ଆଇନକୁ ବ୍ୟାପକ କରିବା ପାଇଁ ସହରାଞ୍ଚଳରେ ଭ୍ରାମ୍ୟମାଣ ଅଦାଲତ ଆୟୋଜନ କରାଯାଇ ଦୋଷୀଙ୍କୁ ଦଣ୍ଡବିଧାନ କରାଯିବା ନେଇ ଏସପିସିଏ ପରିଦର୍ଶକ ମିଶ୍ର କହିଛନ୍ତି।

## ୧୮ ଛୁଆ ସହ ନାଗୁଣୀ ଉଦ୍ଧାର



ଉଦ୍ଧାର ନାଗ ଛୁଆ।

ବାରିପଦା ଅଫିସ,୨୬।୬

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତାଡକିଝରନ ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରୁ ଗୋଟିଏ ନାଗୁଣୀ ସହ ୧୮ଟି ନାଗ ଛୁଆ ଉଦ୍ଧାର ହୋଇଛି। ଗ୍ରାମର ଗୋବିନ୍ଦ ଟୁଡୁଙ୍କ ଘରେ ବୁଧବାର ସକାଳେ ଗୋଟିଏ ନାଗ ସାପ ବୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ସ୍ନେକ ହେଲ୍ପଲାଇନର କୃଷ୍ଣଚନ୍ଦ୍ର ଗୋଛାୟତ ସେଠାରେ ପହଞ୍ଚି ପ୍ରଥମେ ନାଗୁଣୀକୁ ଉଦ୍ଧାର କରିଥିଲେ। ପରେ ସେହି ଘର କାନ୍ଥରେ ଥିବା ୧୮ଟି ନାଗ ଛୁଆକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସାପଗୁଡ଼ିକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି
### 'ବର୍ଷା ଦିନ ପୂର୍ବରୁ ଆଡ଼ିବନ୍ଧ ନିର୍ମାଣ ହେଉ'

ବାରିପଦା ଅଫିସ,୨୬।୬

ମୟୂରଭଞ୍ଜ ଜିଲା ବାରିପଦା ସହର ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ଓ ଚିପଟ ନଦୀରେ ବର୍ଷା ଦିନେ ବାରମ୍ବାର ବନ୍ୟା ଆସି ସ୍ଥାନୀୟ ଜନସାଧାରଣଙ୍କ ଧନ ଜୀବନ କ୍ଷତି ହେଉଛି। ତେଣୁ ସହରବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇ ମଞ୍ଚାବନ୍ଧା ଠାରୁ ଦାମୋଦରପୁର ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀ କୂଳରେ ଏକ ସୁଉଚ୍ଚ ଆଡିବନ୍ଧ ନିର୍ମାଣ ପାଇଁ ସହରବାସୀ ଦାବି କରିଛନ୍ତି। ଏନେଇ ସହରବାସୀ ଏକ ଲିଖିତ ଦାବିପତ୍ର ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆଡିବନ୍ଧ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ ପ୍ରଶାସନିକସ୍ତରରେ ଏଥିପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବର୍ଷା ଦିନ ଆସି ଯାଇଥିବାରୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ପଦ୍ମନାଭ ସାହୁ, ସମୀର କୁମାର ବାରିକ, ଜଗନ୍ନାଥେ ଦେ, ଅଭିଷେକ ଜେନା, ଦୀନବନ୍ଧୁ ଗିରି, ରାଜେଶ କୁମାର ବେହେରା, ଲଳିତା ବେହେରା, ବନ୍ଦିତା ଧଳ ପ୍ରମୁଖଙ୍କ ସମେତ ଅନ୍ୟ ସହରବାସିନ୍ଦା ଦାବି କରିଛନ୍ତି।

## ଗଡ଼ିଲା ନିଶାନିବାରଣ ସଚେତନତା ରଥ

ବାରିପଦା ଅଫିସ,୨୬।୬

ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲା ଅବକାରୀ ଓ ସାମାଜିକ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ନିଶା ନିବାରଣ ଲାଗି ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ନିଶା ନିବାରଣ ଦିବସ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାକୁ ଜିଲାପାଳ ବିନିତ ଭରଦ୍ୱାଜ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ବିନ୍ଧାଣୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଶାର କୁପ୍ରଭାବ ଓ ଚୋରାଚାଲାଣ ରୋକିବା ଉଦ୍ଦେଶ୍ୟରେ ଜନସଚେତନତା ସୃଷ୍ଟି ଲାଗି ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୋଲିସ, ଅବକାରୀ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଏନଏସଏସ, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟ, ଆରଡିଏସି, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡା ଛାତ୍ରାବାସର ଅନ୍ତେବାସୀ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ପ୍ରଜାପିତା ବ୍ରହ୍ମକୁମାରୀ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶୋଭାଯାତ୍ରାରେ ବ୍ୟାନର, ପ୍ଲାକାର୍ଡ, ଡାକାବଜି ଯନ୍ତ୍ର, ସଚେତନତା ରଥ ଓ ପ୍ରଚାରପତ୍ର ମାଧମରେ ସହର ପରିକ୍ରମା କରି ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା।





ଜିଲାପାଳ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର



ସଫେଇ କର୍ମଚାରୀମାନଙ୍କ ସହ ପୌର ଅଧିକାରୀ ଓ ଅନ୍ୟମାନେ।

ବାରିପଦା ଅଫିସ,୨୬।୬

ବାରିପଦା ପୌର ପରିଷଦ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ ସଫେଇ କର୍ମଚାରୀ, କାର୍ଯ୍ୟାଳୟ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଶିକ୍ଷଣ ଶିବିରରେ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ୨୦୧୬କୁ କାର୍ଯ୍ୟକାରୀ କରିବା ସହ ଜନସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଘରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକ୍ ପୃଥକ୍ ସଂଗ୍ରହ କରାଯାଇ କିପରି ତାହାର ସୁପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବାରିପଦା ସହରରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରାଯାଇଥିବାରୁ ସଫେଇ କର୍ମଚାରୀମାନେ ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବା ବେଳେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରିବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଧ ଘରକୁ ଘର ଯାଇ ଲୋକଙ୍କୁ ଏନେଇ ସଚେତନ କରିବେ। ସଫେଇ କର୍ମଚାରୀମାନେ ସଫେଇ ସମୟରେ ନିଜସ୍ୱ ନିରାପତ୍ତା ସାମଗ୍ରୀ ପରିଧାନ କରି କାର୍ଯ୍ୟ ସମ୍ପାଦନ କରିବା ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ସମସ୍ତ ସଫେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉଜ୍ଜ୍ୱଳ କୁମାର ବେହେରା ଓ ଗୌରୀ ଶଙ୍କର ନାୟକ ପରିଚାଳନା କରିଥିଲେ।

## କପ୍ତିପଦା ବ୍ଲକ ଦିବ୍ୟାଙ୍ଗ ମଞ୍ଚର ଧାରଣା

କପ୍ତିପଦା,୨୬।୬(ଡି.ଏନ.ଏ)

କପ୍ତିପଦା ବ୍ଲକ୍‌ରେ ୨ ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଅଛନ୍ତି। ସେମାନଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପହଞ୍ଚି ନ ଥିବା ବେଳେ ସେମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସଚେତନ ମଧ କରାଯାଉ ନାହିଁ । ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନିଦାବିଷ୍ଟ ସାଜିଛି । ଏପରିକି ଲିଖିତ ପ୍ରତିଶ୍ରୁତି ଦେଇ ମଧ ପ୍ରଶାସନ ତାହା ପାଳନ କରିବାରେ ଟାଳଟୁଳନୀତି ଅବଲମ୍ବନ କରିଛି । ସେମାନଙ୍କୁ ସହଯୋଗ କରିବା ପାଇଁ କୌଣସି ରାଜନୈତିକ ବ୍ୟକ୍ତି ବିଶେଷ, ବୁଦ୍ଧିଜିବୀ କିମ୍ବା ସଚେତନ ନାଗରିକଙ୍କର ଆନ୍ତରିକତା ମଧ ଦେଖିବାକୁ ମିଳୁ ନାହିଁ । ତେଣୁ ନିଜ ହକ୍ ନିଜେ ଆଦାୟ କରିବା ନ୍ୟାୟରେ ଗତ ୩୦ ମେ ୨୦୧୯ରେ ମଞ୍ଚ ପକ୍ଷରୁ ୭ ଦଫା ସମ୍ବଳିତ ଏକ ଦାବିପତ୍ର କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରାଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ୨୫ ଜୁନ ୨୦୧୯ ସୁଦ୍ଧା ପ୍ରଶାସନ ପକ୍ଷରୁ ସେମାନଙ୍କର ଦାବି ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ ନ କଲେ ୨୬ ତାରିଖରେ ମଞ୍ଚ ପକ୍ଷରୁ ତହସିଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ଦିନ ପାଇଁ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ସେମାନଙ୍କ ଦାବିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେମାନେ ବୁଧବାର କପ୍ତିପଦା ତହସିଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣାରେ ବସିଛନ୍ତି । ଖବରପାଇ ତହସିଲଦାର ବେହେରା ଧାରଣାସ୍ଥଳକୁ ଆସି ଆନ୍ଦୋଳରତ ଦିବ୍ୟାଙ୍ଗମାନଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ଆଲୋଚନାରେ କୌଣସି ସୁଫଳ ମିଳି ନ ଥିବାରୁ ଏହି ଧାରଣା ଅନିର୍ଦ୍ଦିଷ୍ଟ ଦିନ ପାଇଁ ଜାରି ରହିବ ବୋଲି ମଞ୍ଚର ସଭାପତି ମନୋରଞ୍ଜନ ଜେନା ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ନାୟକ, ଭାନୁଚରଣ ଦାସ, ମୂଷା ବେହେରା, ମହେଶ୍ୱର ମଲ୍ଲିକ୍ ଓ ନବୀନ ପଲେଇ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।





ଭିନ୍ନକ୍ଷମ ମଞ୍ଚର କର୍ମକର୍ତ୍ତାମାନେ ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଆଜି କ'ଣ କେଉଁଠି

ଭଦ୍ରକ (୨୭।୬।୧୯)

▸ଜିଲାସ୍ତରୀୟ ପାଣିପଞ୍ଚାୟତ ଉପଦେଷ୍ଟା କମିଟି ବୈଠକ, ସ୍ଥାନ: ସାଳନ୍ଦୀ କେନାଲ ବିଭାଜନ, ସମୟ: ଅପରାହ୍ନ ୪ଟା।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ପକାଇଲେ ଛାତ

**ବାସୁଦେବପୁର, ୨୬।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତ ଅଧୀନ ସାନଚନ୍ଦ୍ରଭାନୁପୁର ଗ୍ରାମର ଜଣେ ହିତାଧିକାରୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଗୃହ ନିର୍ମାଣ କରିଥିଲେ ମଧ ଛାତ ନ ପକାଇ ଚଞ୍ଚକତା ପୂର୍ବକ ୩୦ ହଜାର ଟଙ୍କା ଉଠାଣ କରିନେଇଥିଲେ। ଏହି ଦୁର୍ନୀତି ସମ୍ପର୍କରେ ନିକଟରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ବୁଧବାର ଉକ୍ତ ଗୃହର ଛାତ ପକାଇଥିବା ଜଣାପଡ଼ିଛି। ନରସିଂହପୁର ପଞ୍ଚାୟତ ଜିଆର୍‌ଏସ୍ ଜ୍ୟୋସ୍ନାରାଣୀ ଓଝା, ନୋଡାଲ ଅଫିସର ତଥା ବ୍ଲକ ବିପିଏମ୍ ଲକ୍ଷ୍ମଣ ବିଶ୍ୱାଳଙ୍କ ଉପସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଘରର ଛାତ ପକାଇଥିବା ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖନୀୟ ଯେ, ଗତ ଦୁଇଦିନ ତଳେ ଡିଆର୍‌ଡିଏର ଏବିପି ଦେବେନ୍ଦ୍ର ପାଣ୍ଡବ ଏହି ଘଟଣାର ତଦନ୍ତ କରିବା ବେଳେ ସମ୍ପୃକ୍ତ ହିତାଧିକାରୀ ଘରର ଛାତ ପକାଇ ନ ଥିବା ଜଣାପଡ଼ିଥିଲା।

### ସ୍ୱାମୀଙ୍କ ଛୁରାମାଡ଼ରେ ପ୍ରଥମ ସ୍ତ୍ରୀ ଗୁରୁତର

**ଭଦ୍ରକ ଅଫିସ, ୨୬।୬:** ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ନେଇ ଭଦ୍ରକ ପୁରୁଣାବଜାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା(ନଂ.୧୧୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମିର୍ଜାପୁର କାଜିମସ୍‌ଜିଦ୍ ନିକଟରେ ରହୁଥିବା ରେହେନା ବିବି ଶେଖ୍ ସେରାତୁଲାଙ୍କ ପ୍ରଥମ ସ୍ତ୍ରୀ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ରେହେନା ଗତ ଦୁଇବର୍ଷ ଧରି ପୁଅ ସହ ବାପଘରେ ରହିଆସୁଛନ୍ତି। ଗତ ୧୭ ତାରିଖରେ ସେ ଖାନ୍‌କାଠାରୁ ଫେରୁଥିବା ବେଳେ ତାଙ୍କ ସ୍ୱାମୀ ଓ ୨ୟ ପତ୍ନୀ ଦୁହେଁ ମିଶି ଛୁରିରେ ରେହେନାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଆକ୍ରମଣରେ ରେହେନା ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ମଙ୍ଗଳବାର ସେ ଏ ନେଇ ଥାନାରେ ଏତଲା ଦାଏର କରିଛନ୍ତି।

### ଯୋଗଦେଲେ ଭାରପ୍ରାପ୍ତ ଏବିଇଓ

**ଭଣ୍ଡାରିପୋଖରୀ, ୨୬।୬ (ଡି.ଏନ.ଏ.):** ଭଦ୍ରକ ଜିଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା ୫୬୬୯/୨୫/୬/୧୯ ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆଖୁଆପଦା ସରକାରୀ ଉ.ପ୍ରା. ବିଦ୍ୟାଳୟର ଲେଭଲ-୩ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳଙ୍କୁ ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶ ଯେ, ଏହି ବ୍ଲକ ଶିକ୍ଷା ବିଭାଗରେ ୩ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ମଧ୍ୟରୁ ଧୀରେନ୍ଦ୍ରନାଥ ଦାଶ ନିକଟରେ ପଦୋନ୍ନତି ପାଇ ଜଗତସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଏହି ପଦବୀ ଫାଙ୍କା ପଡ଼ିଥିବାରୁ ପୁରୁଷୋତ୍ତମ ଧଳଙ୍କୁ ଭାରପ୍ରାପ୍ତ ଏବିଇଓ ଭାବେ ଅବସ୍ଥାପିତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ବରିଷ୍ଠ ଏବିଇଓ କୁଳମଣି ପତି, ଅଭିମନ୍ୟୁ ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ପାଟଣା, ୨୬।୬ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳୀ ଗ୍ରାମରେ ଜଣେ ବିବାହିତା ମହିଳା ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମ ବଣସାହିର ଶମ୍ଭୁନାଥ ମୁଣ୍ଡାଙ୍କ ସ୍ତ୍ରୀ ନିରଶା(୨୩)। ସୋମବାର ରାତିରେ ସେ ଶୋଇଥିବା ବେଳେ ବିଷଧର ସାପ କାମୁଡି ଦେଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ଅପମୃତ୍ୟୁ ମାମଲା(ନଂ.୧୨/୧୯) ରୁଜୁ ହୋଇଥିବା ଏଏସ୍‌ଆଇ କୈଳାସ ଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।

# ଅସହାୟ ମନ୍ମଥଙ୍କୁ ମିଳିଲା ପକ୍କାଘର

**ବନ୍ତ, ୨୬।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ବାଲିଗଡିଆ ଗ୍ରାମର ଅସହାୟ ଭିନ୍ନକ୍ଷମ ମନ୍ମଥ ବିଶ୍ୱାଳଙ୍କ ଗୁହାରି ଶେଷରେ ପ୍ରଶାସନ ଶୁଣିଲା। ଦୀର୍ଘବର୍ଷ ଧରି ସଂଗ୍ରାମ କରିବା ପରେ ତାଙ୍କୁ ପକ୍କାଘରଟିଏ ମିଳିଥିବାର ଜଣାଯାଇଛି। ପ୍ରକାଶ ଯେ, ଏହି ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳଙ୍କ ଦୃଷ୍ଟିହୀନ ପୁଅ ମନ୍ମଥ ୨୦୦୬ ମସିହା ଡିସେମ୍ବରରେ ଇନ୍ଦିରା ଆବାସ ଯୋଜନାରେ ଘର ପାଇଥିଲେ। ମାତ୍ର ତାଙ୍କୁ ସେତେବେଳେ ଅଗ୍ରିମ ଅର୍ଥ ମିଳି ନ ଥିଲା। ଫଳରେ ସେ ଘର ତିଆରି କରି ପାରି ନ ଥିଲେ। ନିୟମ ଅନୁଯାୟୀ ଯେଉଁ ହିତାଧିକାରୀ ଘର ତିଆରି କରି ନ ପାରିବେ ସେମାନଙ୍କୁ ନୂଆ କାର୍ଯ୍ୟାଦେଶ ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା। ସେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ନୂତନ କାର୍ଯ୍ୟାଦେଶ ପାଇଁ ଆବେଦନ କରିଥିଲେ। ୧୩ ବର୍ଷ ମଧ୍ୟରେ ସେ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଘରଟିଏ ପାଇବା ପାଇଁ ଆବେଦନ କରିଥିଲେ। ଏପରିକି ଏ ନେଇ ସେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଶେଷରେ ସେ ଗତ ତା ୨୦।୩।୨୦୧୭ ରିଖରେ ଡବ୍ଲ୍ୟୁପି(ସି) ନମ୍ବର ୪୨୭୮/୨୦୧୭ ମୂଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ୧୫ ଦିନ ମଧ୍ୟରେ ଘର ଯୋଗାଇଦେବାକୁ ଭଦ୍ରକ ଜିଲାପାଳ, ଉପଜିଲାପାଳ ଓ ବନ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଘର ଖଣ୍ଡିଏ ନ ଥିବାରୁ ସେହି ଚିନ୍ତାରେ ମନ୍ମଥଙ୍କ ସ୍ତ୍ରୀଙ୍କର ୨୦୧୮ ଏପ୍ରିଲ ୩ ତାରିଖରେ ପରଲୋକ ଘଟିଥିଲା। ପରେ ମନ୍ମଥ ୨୦୧୮ ଏପ୍ରିଲ ୧୮ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେତେବେଳେ ବିଡିଓ ତାଙ୍କୁ ତୁରନ୍ତ ଗୃହ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ମଙ୍ଗଳବାର ତାଙ୍କୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟାଦେଶ ପାଇବା ପରେ ସେ ଏବେ ଖୁସି ଥିବା ସହ ଖୁବ୍‌ଶୀଘ୍ର ଘର କାମ ଆରମ୍ଭ କରିବେ ବୋଲି ମନ୍ମଥ କହିଛନ୍ତି।



ଭିନ୍ନକ୍ଷମ ମନ୍ମଥ କାର୍ଯ୍ୟାଦେଶ ଧରିଛନ୍ତି।

- ବହୁ ସଂଗ୍ରାମ ପରେ ଗୁହାରି ଶୁଣିଲା ପ୍ରଶାସନ
- ୧୩ ବର୍ଷ ପରେ ମିଳିଲା କାର୍ଯ୍ୟାଦେଶ

# 'ଆତ୍ମପ୍ରଚାରଠାରୁ ନିଜକୁ ଦୂରେଇ ରଖୁଥିଲେ ଅକ୍ଷୟ'

**ଭଦ୍ରକ ଅଫିସ, ୨୬।୬**

ଅକ୍ଷୟ ଥିଲେ ଭଦ୍ରକ ପୁସ୍ତକ ମେଳାର ସ୍ରଷ୍ଟା। ସେ ଅଧିକାଂଶ ସମୟରେ ମଞ୍ଚ ତଳେ ରହିବାକୁ ଭଲ ପାଉଥିଲେ। ଆତ୍ମପ୍ରଚାରଠାରୁ ନିଜକୁ ଦୂରେଇ ରଖୁଥିବା ଏହି ବିରଳ ପ୍ରତିଭାଙ୍କ କୃତିତ୍ୱ ତାଙ୍କୁ ଚିର ଅମ୍ଳାନ କରି ରଖିବ ବୋଲି ଭଦ୍ରକରେ ଆୟୋଜିତ ସ୍ୱର୍ଗତ ଅକ୍ଷୟ ବାରିକଙ୍କ ଏକାଦଶାହ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ପୁସ୍ତକ ମେଳା କମିଟି ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ସଭାପତି ଅଜୟ ନାୟକ ଅଧ୍ୟକ୍ଷତା କରିଥିଲେ। ସମାଜସେବୀ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଧାମନଗର ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି, ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଏବଂ ସାହିତ୍ୟିକ ଡ. ରାଧାବିନୋଦ ନାୟକ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଏବଂ ସହସମ୍ପାଦକ ଅଧ୍ୟାପକ ଡ. ଅଭୟ ଦାସ, ପ୍ରଫେସର ରାଜକିଶୋର ସାହୁ, ରୂପକ ବିହାରୀ ରାୟଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକା ପୁସ୍ତିକା 'ବହିମଣିଷ ଅକ୍ଷୟ' ଲୋକାର୍ପଣ କରାଯାଇଥିଲା। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ପୁସ୍ତିକା ସମ୍ପର୍କରେ ସୂଚନା ଓ ଅଧ୍ୟାପକ ଅଭୟ ଦାସ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଉଲ୍ଲେଖନୀୟ ଯେ, ସ୍ୱର୍ଗତ ଅକ୍ଷୟ ଭଦ୍ରକରେ ଦୀର୍ଘ ୨୦ବର୍ଷ ଧରି ପୁସ୍ତକମେଳା କରିଆସୁଥିଲେ। ଏହି ଅବସରରେ ଭଦ୍ରକର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ପତ୍ନିସର ସଭାରେ ଯୋଗ ଦେଇଥିଲେ। ପୁସ୍ତକ ମେଳା କମିଟିର ଯୁଗ୍ମ ସମ୍ପାଦକ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତିରେ ତାଲା ପକାଇଲେ ଚାଷୀ




ସରସଦା ସମିତିରେ ତାଲା ପକାଇ ଚାଷୀ ବସିଛନ୍ତି।

**ଭଣ୍ଡାରିପୋଖରୀ, ୨୬।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ସେବା ସମବାୟ ସମିତିରେ ଗତ ଖରିଫ୍ ଧାନ ବିକ୍ରିର ଶେଷ ପର୍ଯ୍ୟାୟରେ ଧାନ ବିକ୍ରି କରିଥିବା ଚାଷୀମାନେ ଭେଣ୍ଡର ରସିଦ୍ ଦାବି କରି ବୁଧବାର ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଚାଷୀମାନେ ସମିତି ଜରିଆରେ ବିଭିନ୍ନ ମିଲ୍‌କୁ ଖରିଫ ଧାନ ବିକ୍ରି କରିଥିଲେ। ସେହି ସମୟ ମଧ୍ୟରେ ଚାଷୀମାନଙ୍କୁ ଭେଣ୍ଡର ରସିଦ୍ ମିଳି ନ ଥିଲା। ଅନ୍ୟପକ୍ଷରେ ଭେଣ୍ଡର ରସିଦ୍ ପାଇଥିବା ଚାଷୀମାନେ ଅଦ୍ୟାବଧି ଧାନ ବିକ୍ରୟ ପାଉଣା ପାଇ ନ ଥିବାବେଳେ ରସିଦ୍ ପାଇ ନ ଥିବା ଚାଷୀ ପାଉଣା ବୁଡ଼ିଯିବା ଆଶଙ୍କାରେ ବୁଧବାର ଏଭଳି ପଦକ୍ଷେପ ନେଇଥିଲେ। ଏଥିପୂର୍ବରୁ ଭେଣ୍ଡର ରସିଦ୍ ପାଇବା ପାଇଁ ଚାଷୀମାନେ ସମିତି, ସମବାୟ ବ୍ୟାଙ୍କ ଓ ସ୍ଥାନୀୟ ମାର୍କେଟିଂ ଇନ୍ସପେକ୍ଟରଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାର୍କେଟିଂ ଇନ୍ସପେକ୍ଟର ସମିତିକୁ ଭେଣ୍ଡର ରସିଦ୍ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନାହିଁ। ଚାଷୀମାନେ ବିଶ୍ୱାସ ହରାଇ ସମିତି ଆଗରେ ତାଲା ପକାଇ ବସିରହିଥିଲେ। ସରସଦା ସମବାୟ ସମିତି ସଭାପତି ଦେବେନ୍ଦ୍ରନାଥ ଧଳ ପହଞ୍ଚି ଆସନ୍ତା ୧ ତାରିଖଠାରୁ ଭେଣ୍ଡର ରସିଦ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଉଲ୍ଲେଖନୀୟ ଯେ, ଭଣ୍ଡାରିପୋଖରୀ ବ୍ଲକରେ ଚାଷୀ ବିଭିନ୍ନ ସମିତି ଜରିଆରେ ପ୍ରାୟ ୨୨ ହଜାର କୁଇଣ୍ଟାଲ ଧାନ ଦେଇ ଏପର୍ଯ୍ୟନ୍ତ ପ୍ରାପ୍ୟ ପାଇନାହାନ୍ତି।

# ୨ ସ୍ଥାନରେ ୬ ବଖରା ଜଳିଗଲା

**ବନ୍ତ/ବାସୁଦେବପୁର, ୨୬।୬ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ଗ୍ରାମ ଓ ବାସୁଦେବପୁର ପୌରପାଳିକାର ନିଉଇଣ୍ଡିଆସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳିଯାଇଛି। ଆଡ଼ିଆରେ ମଙ୍ଗଳବାର ବିଳମ୍ବିତ ରାତିରେ ବାବାଜି ନାୟକଙ୍କ ଘରେ ନିଆଁ ଲାଗି ବଖରାଏ ଓ ଜଗବନ୍ଧୁ ନାୟକଙ୍କର ବଖରାଏ ପୋଡ଼ିଯାଇଛି। ଗାଁ ଲୋକେ ନିଆଁକୁ ଆୟତ୍ତ କରିଥିବା ବେଳେ ଆଗରପଡ଼ାରୁ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଆନୁମାନିକ ୩୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ସେହିପରି ବାସୁଦେବପୁର ପୌରପାଳିକା ଅଧୀନ ନିଉଇଣ୍ଡିଆସାହି ଗ୍ରାମର ଅନିରୁଦ୍ଧ ବେହେରା ଓ କୈଳାସ ଚନ୍ଦ୍ର ବେହେରାଙ୍କର ୪ ବଖରା ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ସଦର ରାଜସ୍ୱ ନିରୀକ୍ଷକ ଶରତ ଚନ୍ଦ୍ର ଦାସ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଲଳିତ ମୋହନ ବାରିକ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ବିପନ୍ନ ପରିବାରକୁ ସହାୟତା ପାଇଁ ଦାବି କରାଯାଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

# ଜିଲାସ୍ତରୀୟ କର୍ମଶାଳାରେ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ



କର୍ମଶାଳାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୬।୬**

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ ସମିତି ଓ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ୱେଚ୍ଛାସେବୀ ସଙ୍ଗଠନ ସଂଯୋଗ ଦ୍ୱାରା ଶିଶୁ ସୁରକ୍ଷା ବ୍ୟବସ୍ଥାବଳୀ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଏବଂ ଡିଏସ୍‌ପି(ଏଚ୍‌ଆର୍‌ପିସି) ସୁରେଶ ଚନ୍ଦ୍ର ଜେନା, ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ପୂର୍ବତନ ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନିଜ ଅଭିଭାଷଣରେ ଶିଶୁମାନଙ୍କୁ ଶିକ୍ଷା କ୍ଷେତ୍ରରେ ନିବେଶ କରିବା ଓ ଅବହେଳିତ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ମଙ୍ଗଳ କମିଟି ସଦସ୍ୟ ସତ୍ୟସୁନ୍ଦର ପୁହାଣ, ପ୍ରଦୀପ୍ତ କର, ସଙ୍ଗୀତା ଗିରି, ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱନାରାୟଣ ପଣ୍ଡା, ସ୍ୱାଗତିକା ବାରିକ, ମହେଶ ଦାଶ ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇଥିଲେ।

ମଣ୍ଡଳ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। କର୍ମଶାଳାରେ ସଂଯୋଗର ମଣ୍ଡଳ ସଂଯୋଜକ ମନୋରଞ୍ଜନ ସାହୁ, ହିସାବ ରକ୍ଷକ ରିଙ୍କୁ ବିଶ୍ୱାଳଙ୍କ ସମେତ ବିଷୟ ବିଶାରଦ ଭାବେ ଶିଶୁ ମଙ୍ଗଳ ସମିତି ସଦସ୍ୟ, କଟକରୁ ଚିତ୍ତରଞ୍ଜନ ମହାନ୍ତି, ବାଲ୍ୟ ବିବାହ ନିଷେଧ ଆଇନ ଓ ବଚ୍‌ପନ ବଚାଓ ଆନ୍ଦୋଳନର ରାଜ୍ୟ ସଂଯୋଜକ ଆଲୋକ କୁମାର ପାଢୀ ଶିଶୁ ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ସଂସ୍ଥା, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଚାଇଲ୍ଡ ଲାଇନ, ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ ବିଭାଗ ଓ ଶ୍ରମ ବିଭାଗ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଯୋଗର ଜୁନାଲ କୋର୍ଡିନେଟର ରୂପାଲି ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ନେଇ ପ୍ରଶିକ୍ଷଣ

**ଧାମନଗର, ୨୬।୬ (ଡି.ଏନ.ଏ.)**

ଧାମନଗର ଏନ୍‌ଏସି ଅଧୀନ ଗ୍ରାମଗୁଡ଼ିକରେ ସ୍ୱଚ୍ଛତା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନବଗଠିତ ଏନ୍‌ଏସି ଅଞ୍ଚଳକୁ ଆରମ୍ଭରୁ ସୁନ୍ଦର ଭାବେ ଗଠନ କରିବା ସକାଶେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି କୁହାଯାଇଥିଲା। ପ୍ରତିଦିନ ଗ୍ରାମରୁ ବାହାରୁଥିବା ଆବର୍ଜନାକୁ ସଫେଇ କର୍ମଚାରୀଙ୍କ ଦ୍ୱାରା ସଂଗ୍ରହ, ସଂଗୃହୀତ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ସୁପରିଚାଳନା କରାଯିବା, ସଫେଇ କାର୍ଯ୍ୟରେ କର୍ମଚାରୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସଚେତନ କରାଯିବା, ଜରି ଗୋଟାଳିମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ଏନ୍‌ଏସି ନିର୍ବାହୀ ଅଧିକାରୀ ଯତିନ୍ଦ୍ର କୁମାର ମିଶ୍ର, ଜିଲା ନଗର ଉନ୍ନୟନ କର୍ମଚାରୀ ସୁବାଶିଷ କାମିଲା, ଧନେଶ୍ୱର ଧଳ, ଧାମନଗର ପ୍ରେସ୍ କ୍ଲବ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

# ନିଶା ବର୍ଜନ କରି ସୁସ୍ଥ ସମାଜ ଗଠନ ଲାଗି ଆହ୍ୱାନ

**ଭଦ୍ରକ ଅଫିସ, ୨୬।୬**

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସଂସ୍କୃତି ଭବନଠାରେ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ସ୍କୁଲ, କଲେଜର ଛାତ୍ରୀଛାତ୍ର ଭଦ୍ରକ କଲେଜ ପାଖରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ସଂସ୍କୃତି ଭବନଠାରେ ଆୟୋଜିତ ସଭାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ମଞ୍ଜୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଶା ବର୍ଜନ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଏହି ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ ଏବଂ ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ରଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ଏବଂ ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶେଷରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୋଡ଼ାନାଚ ଏବଂ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା।




ଶୋଭାଯାତ୍ରାକୁ ମୁଖ୍ୟଅତିଥି ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

# ଜଳ ନିଷ୍କାସନ ଦାବିରେ ରାସ୍ତାରୋକୋ

**ବାସୁଦେବପୁର, ୨୬।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସରାଏ ବର୍ଷାରେ ପଞ୍ଚାୟତର ବିଭିନ୍ନ ସାହି ଜଳମଗ୍ନ ରହୁଛି। ଜଳ ନିଷ୍କାସନ ଦାବିରେ ପଞ୍ଚାୟତବାସୀ ବୁଧବାର ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ନରସିଂହପୁର ଛକଠାରେ ରାସ୍ତାରୋକୋ କରିଥିଲେ। ସକାଳଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିବାରୁ ଏହି ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଯାତ୍ରୀ ଅଟକି ରହି ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହୋଇଥିଲେ। ଶହ ଶହ ଯାନବାହାନ ଅଟକି ରହିଥିବା ବେଳେ ପଞ୍ଚାୟତବାସୀଙ୍କ ଡ୍ରେନେଜ ସମସ୍ୟାଠାରୁ ଡହ ଡହ ଖରାରେ ଯାତ୍ରୀଙ୍କ ସମସ୍ୟା ବଢ଼ିଯାଇଥିବା ଲକ୍ଷ୍ୟ କରାଯାଇଥିଲା।

ପ୍ରକାଶ ଯେ, ନରସିଂହପୁର ବଜାରଠାରୁ ଦକ୍ଷିଣକୁ ଥିବା ନୟନଯୋରି ଓ କାଡ଼ା କେନାଲକୁ କେତେକ ବ୍ୟକ୍ତି ପୋତି ପକାଇଥିବାରୁ ଜଳ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ନରସିଂହପୁର ପଞ୍ଚାୟତର ବ୍ୟାପକ ଅଞ୍ଚଳ ଅସରାଏ ବର୍ଷାରେ ଜଳମଗ୍ନ ହୋଇ ରହୁଛି। ଆଗକୁ ଅଧିକ ବର୍ଷା ହେଲେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ଥିବାରୁ ତୁରନ୍ତ ଜଳ ନିଷ୍କାସନ ଦାବିରେ ଏଭଳି ପନ୍ଥା ଆପଣାଇବାକୁ ବାଧ ହେଲେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ। ତୁରନ୍ତ ପୋତି ପଡ଼ିଥିବା ନାଳର ମୁହଁ ଖୋଲିବା ସହ କାଡ଼ାନାଳକୁ ସଫା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ମଧ୍ୟାହ୍ନରେ ମାର୍କୋଣା ଡିଭିଜନ ଡ୍ରେନେଜ ବିଭାଗର ଏସ୍‌ଡିଓ ରମାକାନ୍ତ ପାତ୍ର ସେଠାରେ ପହଞ୍ଚିବା ପରେ ଆନ୍ଦୋଳନକାରୀମାନେ ତାଙ୍କୁ ଖରାରେ ଚଲାଇ ଚଲାଇ ନେଇ ପୋତି ପଡ଼ିଥିବା ଡ୍ରେନ ଓ ନାଳ ବୁଲାଇ ଦେଖାଇଥିଲେ। ଏସ୍‌ଡିଓ ପାତ୍ରଙ୍କ ସହ ଅତିରିକ୍ତ ତହସିଲଦାର ରାଧାକାନ୍ତ ବାରିକ, ଆର୍‌ଆଇ ବ୍ରଜକିଶୋର ଦାଶ, ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ସଦଳବଳ ସମ୍ପୃକ୍ତ ପୋତି ପଡ଼ିଥିବା ଡ୍ରେନ ବୁଲି ଦେଖିଥିଲେ। ଜଳ ନିଷ୍କାସନ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଡ୍ରେନେଜ ବିଭାଗ ଏସ୍‌ଡିଓ ଓ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ନରସିଂହପୁର ଛକଠାରେ ଅବରୋଧ କରି ଧାରଣା ଦିଆଯାଇଛି।

- ମୁଖ୍ୟରାସ୍ତାରେ ଯାତାୟାତ ବାଧାପ୍ରାପ୍ତ, ଯାତ୍ରୀ ହଇରାଣ
- ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଲୋକେ

## ସଂକ୍ଷେପରେ



### ଧଳା ପେଚା ଉଦ୍ଧାର

**ବଉଳା, ୨୬।୬(ଡି.ଏନ.ଏ.)**- ହାଟଡିହୀ ବ୍ଲକ ହଦଗଡ଼ ବନବିଭାଗ ଏକ ଧଳା ପେଚା ଉଦ୍ଧାର କରିଛି। ଜଳସରପୁର ଗ୍ରାମର ଅନାଦି ସ୍ୱାଇଁଙ୍କ ଘର ଭିତରକୁ ଧଳା ପେଚାଟି ପଶିଯିବାରୁ ଫ୍ୟାନ ବ୍ଲେଡ଼ରେ ଆହତ ହୋଇପଡ଼ିଥିଲା। ଏହାକୁ ନେଇ ହଦଗଡ଼ ବନବିଭାଗକୁ ଖବର କରାଯିବାରୁ ବିଭାଗର ଦୁର୍ଯ୍ୟୋଧନ ପାଢ଼ୀ ଓ ପରମାନନ୍ଦ ମୁଣ୍ଡା ପହଞ୍ଚି ପେଚାକୁ ଉଦ୍ଧାର କରିଥିଲେ । ଆହତ ପେଚାକୁ ମରୈଗାଁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ପରେ ତାକୁ ହଦଗଡ଼ ଜଙ୍ଗଲରେ ଛାଡ଼ିଦିଆଯାଇଛି।

### ଫନୀ ବିପନ୍ନଙ୍କୁ ସହାୟତା

**କେନ୍ଦୁଝର,୨୬।୬ (ସ୍ୱ.ପ୍ର.)**- ଗତ ମେ’ ୩ ତାରିଖରେ ଓଡ଼ିଶାରେ ପ୍ରଳୟଙ୍କରୀ ବାତ୍ୟା ‘ଫନୀ’ ଦ୍ୱାରା ପ୍ରପୀଡ଼ିତ ଲୋକମାନଙ୍କ ପାଇଁ ସହାୟତାର ହାତ ବଢ଼ାଇଛନ୍ତି କେନ୍ଦୁଝର ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସଂଘ ତରଫରୁ ଜିଲାପାଳଙ୍କ ଜରିଆରେ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସଂଘ ତରଫରୁ ସମ୍ପାଦକ ବଳରାମ ପୃଷ୍ଟି, ସହ-ସମ୍ପାଦକ ରାମନାରାୟଣ ଦ୍ୱିବେଦୀ ଜିଲାପାଳ ଆଶିଷ ଠାକରେଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ।

### ଶିକ୍ଷକଙ୍କ ପରଲୋକ

**ବଉଳା, ୨୬।୬(ଡି.ଏନ.ଏ.)**-ହାଟଡିହୀ ବ୍ଲକ ବାଲିବରେଇ ଗ୍ରାମର ଶିକ୍ଷକ ବାବାଜୀ ଚରଣ ସାମଲଙ୍କର ମଙ୍ଗଳବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ସେ କେ.ବାଲିପାଳ ପଞ୍ଚାୟତର ତଅଁଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶେଷ ଦର୍ଶନ ପାଇଁ ଆଖପାଖ ଅଞ୍ଚଳର ବହୁ ଲୋକ ବାସଭବନରେ ପହଞ୍ଚିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା ।

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା,୨୬।୬(ଡି.ଏନ.ଏ.)**- କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିରିକଳାଠାରେ ଜଣେ ଯୁବକ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ମଙ୍ଗଳବାର ରାତିରେ ଉକ୍ତ ଗ୍ରାମରେ ରହୁଥିବା ସୁନିଆ ମହାକୁଡ଼ (୩୦)ଙ୍କର ତାଙ୍କ ପରିବାର ଲୋକଙ୍କ ସହିତ କଳହ ହୋଇଥିଲା। ରାତିରେ ସେ ଶୋଇବା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବୁଧବାର ସକାଳ ସମୟରେ ପରିବାର ଲୋକେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବାଚସ୍ପତିଙ୍କୁ ଭେଟିଲେ ସାମାଜିକ କର୍ମୀ

**ବଉଳା, ୨୬।୬(ଡି.ଏନ.ଏ.)** ହାଟଡିହୀ ବ୍ଲକ ବଞ୍ଝୋ ଗ୍ରାମର ସାମାଜିକ କର୍ମୀ ସୁଶାନ୍ତ ବିଶ୍ୱାଳ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ନୂଆଦିଲ୍ଲୀ ସ୍ଥିତ ତାଙ୍କ ବାସଭବନରେ ଭେଟି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସମୟରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣେଇବା ସହିତ ଜିଲାର ଥିବା ବିଭିନ୍ନ ସମସ୍ୟା ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମୟରେ ଆନନ୍ଦପୁର ଉପଖଣ୍ଡଙ୍କୁ ରେଳପଥ ସଂଯୋଗପାଇଁ ଦୃଷ୍ଟି ଦେବାକୁ ଅନୁରୋଧ କରିଥିବା ସୁଶାନ୍ତ ପ୍ରକାଶ କରିଛନ୍ତି । ଏ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ ସୁଶାନ୍ତଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

# ବାପାଙ୍କୁ ହତ୍ୟା କରିଥିବା ପୁଅକୁ ଆଜୀବନ ଜେଲ

**ଆନନ୍ଦପୁର, ୨୬।୬(ସ୍ୱ.ପ୍ର.)**

ବାପାଙ୍କୁ ହତ୍ୟା କରିଥିବା ପୁଅକୁ ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୨୦୧୬ ଜୁନ୍ ୨୩ରେ ଏହି ଅଭାବନୀୟ ଘଟଣା ଘଟିଥିଲା । କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଝୋ ଗ୍ରାମର ଦେବକାନ୍ତ ରାଉତ(୪୬) ବାପା ନାରାୟଣ ରାଉତଙ୍କୁ କୁରାଢିରେ ହାଣି ହତ୍ୟା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ଘଟଣା ଦିନ ଦେବକାନ୍ତ ବଞ୍ଝୋ ଛକରେ ରହୁଥିବା ବାପାଙ୍କ ପାଖକୁ ଆସି ୨୦ ହଜାର ଟଙ୍କା ମାଗିଥିଲେ । ବାପା ଏଥିରେ ଅସମର୍ଥ ପ୍ରକାଶ କରିବାରୁ ସେ ମା’ଙ୍କ ସହିତ ଝଗଡା କରିଥିଲେ।



ଅଭିଯୁକ୍ତ ଦେବକାନ୍ତ ରାଉତ।

ଶେଷରେ ସେ ମା’ଙ୍କଠାରୁ ଆଲମିରା ଚାବି ଛଡାଇ ନେଇ ଟଙ୍କା, ସୁନା ରୁପା ଗହଣା ଆଦି ନେଇଯାଉଥିବାବେଳେ ବାପା ନାରାୟଣ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଦେବକାନ୍ତ ଧରିଥିବା ଏକ କୁରାଢିରେ ନାରାୟଣଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ନାରାୟଣଙ୍କ ଡାହାଣ ପାଖ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଓ ସେ ଗୁରୁତର ହୋଇପଡିଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। ହେଲେ ୨୦୧୬ ମସିହା ଜୁନ ୨୮ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମା’ ତିଲୋତ୍ତମାଙ୍କ ଏତଲା ଅନୁଯାୟୀ ଆନନ୍ଦପୁର ଥାନାରେ ଏକ ମାମଲା (ନଂ.୧୦୬/୨୬।୬।୨୦୧୬) ରୁଜୁ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଏସ.ଟି. କେସ୍ ନଂ ୫୩/୨୦୧୯/୨୦୧୭/୧୬ରେ ଭାରତୀୟ ଦଣ୍ଡବିଧି ଆଇନର ୪୫୦ ଦଫା ଅନୁଯାୟୀ ୧୦ ବର୍ଷ ଜେଲଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡରେ ଦୋଷୀ ଦଣ୍ଡିତ ହେବେ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫା ଅନୁଯାୟୀ ଦେବକାନ୍ତଙ୍କୁ ଆଜୀବନ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡରେ କୋର୍ଟ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମହେନ୍ଦ୍ର ମହାପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

# ଚୋରି ବାଇକ ଜବତ, ୨ ଅଭିଯୁକ୍ତ ଗିରଫ

**ବଡବିଲ, ୨୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ଷ୍ଟେଶନରୋଡରୁ ଗତ ସୋମବାର ଚୋରି ହୋଇଥିବା ବାଇକକୁ ପୋଲିସ ଉଦ୍ଧାର କରି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡବିଲ ଡେଲି ମାର୍କେଟ ଅଞ୍ଚଳର ଏମଡି ଆଦିଲ ଓ ଏମଡି ତୋହସିନ ଆଲମ।

ମିଳିଥିବା ସୂଚନା ଅନୁଯାୟୀ, ଗଙ୍ଗାଧର ଦାସ ନାମକ ବ୍ୟକ୍ତି ସୋମବାର ରେଲୱେ ଷ୍ଟେଶନ ସମ୍ମୁଖରେ ଏକ ବାଇକଟିକୁ ଛିଡାକରି କିଛି ସମୟ ପରେ ଆସି ବାଇକଟି ଯଥା ସ୍ଥାନରେ ପାଇ ନ ଥିଲେ। ତେବେ ଏଣେତେଣେ ଖୋଜି ବାଇକକୁ ନ ପାଇବାରୁ ଚୋରି ହୋଇଯାଇଥିବା ବଡବିଲ ଥାନାରେ



ଗିରଫ ୨ ଅଭିଯୁକ୍ତ।

ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ପୋଲିସ ବଡବିଲ ଥାନାରେ ଏକ ମାମଲା (ନଂ.୧୩୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏସଆଇ ସିଲୁ ମଲ୍ଲିକ ଘଟଣାର ତଦନ୍ତ ଭାର ନେଇ ବାଇକକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

**ଆନନ୍ଦପୁର,୨୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ଥାନା ବାରିଗାଁ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ପରେ ମାନସିକ ଭାରସାମ୍ୟ ହରାଇ ନିଜେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ଏପରି ଘଟଣା ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଆହତ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବାରିଗାଁ ଗ୍ରାମର ନବଘନ ସାହୁ(୬୫) କୌଣସି କାରଣରୁ ବୁଧବାର ଭୋର ପ୍ରାୟ ୪ଟାରେ ହଠାତ୍ ଉତ୍ତ୍ୟକ୍ତ ହୋଇପଡିଥିଲେ । କେହି କିଛି ଚିନ୍ତା କରିବା ପୂର୍ବରୁ ସେ ଏକ ଭୁଜାଲିରେ ସ୍ତ୍ରୀ ମଞ୍ଜୁଲତା(୫୨)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କ କବଳରୁ ମଞ୍ଜୁଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼



ଡାକ୍ତରଖାନାରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ନବଘନ ଘରୁ କୁଆଡ଼େ ପଳାଇ ଯାଇଥିଲେ। ହେଲେ ତାଙ୍କ ଘର ନିକଟ ପଳାଶବଣରେ ସେ ବିଷପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ନବଘନ ଘରୁ ପଳାଇବା ପରେ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ଜମିରେ କାମ କରିବାକୁ ଯାଇଥିବା କେତେଜଣ ଲୋକ ନବଘନ ପଳାଶବଣରେ ପଡିଥିବା ସୂଚନା ଦେଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘସିପୁରା ଥାନା ଆଇଆଇସି ବିରଞ୍ଚି ବାଗ୍ ତଦନ୍ତ ଜାରି ରଖିଛନ୍ତି। ଗତ ମାସେ ହେବ କୌଣସି କାରଣକୁ ନେଇ ଏହି ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ମଝିରେ ମଝିରେ ଉଭୟଙ୍କ ମଧ୍ୟରେ ଝଗଡା ଲାଗୁଥିଲା । ଶେଷରେ ତାହା ଉଗ୍ରରୂପ ଧାରଣ କରିଥିଲା ।

## ଭଙ୍ଗା ଘର ସଜାଡୁଛନ୍ତି ମାଧ

**ଆନନ୍ଦପୁର,୨୬।୬(ସ୍ୱ.ପ୍ର.)**– ଆନନ୍ଦପୁର ପୌରପରିଷଦ ୧୩ ନଂ ୱାର୍ଡ ଜଅଁରା ଗ୍ରାମର ମାଧ ଜେନା ବର୍ଷାରେ ଭାଙ୍ଗିଯାଇଥିବା ଘରକୁ ସଜାଡୁଛନ୍ତି। ଲଘୁଚାପ ବର୍ଷାରେ ତାଙ୍କର ଘର କାନ୍ଥ ପଡି ତାଙ୍କର ୧୦ ବର୍ଷର ଝିଅ ଆହତ ହୋଇଥିଲା । ଏବେ ମାଧ ତାଙ୍କର ଭଙ୍ଗା ଘରକୁ ସଜାଡିବାରେ ଲାଗିପଡିଛନ୍ତି। ଘର କାନ୍ଥ ପଡି ଭାଙ୍ଗିଯାଇଥିଲେ ସୁଦ୍ଧା ମାଧଙ୍କୁ କୌଣସି ପ୍ରକାର ପ୍ରଶାସନିକ ସହାୟତା ମିଳିନି। ଫଳରେ ଦିନ ମଜୁରୀ କରି ଯାହା ସାଇତି ରଖିଥିଲେ ସେଥିରେ ଘର ସଜାଡି ରହିବା ପାଇଁ ପ୍ରୟାସ କରିଛନ୍ତି। ବର୍ଷେ ତଳୁ ପୌରପରିଷଦରେ ଗୃହ କାର୍ଯ୍ୟାଦେଶ ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାଏ ତାଙ୍କୁ ସେ ସୁବିଧା ମିଳିପାରିନି। ସରକାରୀ ଯୋଜନାରେ ବାରମ୍ବାର ଘର ଖଣ୍ଡିଏ ପାଇଁ ପୌର କାର୍ଯ୍ୟାଳୟକୁ ଦୌଡ଼ିଥିଲେ ବି ନିରାଶ ହୋଇଛନ୍ତି। ଗୋଟିଏ ପଟେ ପାଠପଢୁଆ ପୁଅ ଓ ଝିଅଙ୍କ ଖର୍ଚ୍ଚ ଅନ୍ୟପଟେ ଘରର ଅଭାବ ଅନଟନ ପରିସ୍ଥିତି। ସେଥିଲାଗି ପ୍ରଶାସନିକ ସ୍ତରରେ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ଉଚିତ୍ ବୋଲି ସାମାଜିକକର୍ମୀ ଅଜିତ୍ ପଟ୍ଟନାୟକ କହିଛନ୍ତି।

## ହସନପୁର ଟୋଲ ଗେଟ୍ ନିକଟରେ ବଢ଼ୁଛି ଡକାୟତି
# ପୋଲିସ ପଦକ୍ଷେପ ନେବାକୁ ଦାବି

**ଆନନ୍ଦପୁର, ୨୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ହସନପୁର ଟୋଲ ଗେଟ୍ ଏବେ ଲୁଟେରାଙ୍କ ଆଡ୍ଡାସ୍ଥଳି ପାଲଟିଛି। ଟୋଲଗେଟ୍‌ର ଠିକ୍ ପୂର୍ବରୁ ରହିଥିବା ହମ୍ପସ ନିକଟରେ ଗାଡି ସ୍ଲୋ ହେବାର ସୁଯୋଗ ନେଇ ଲୁଟେରାମାନେ ଲୁଟ୍ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ବେଲବାହାଳି କୁଶେଇ ସେତୁ ନିକଟ ଶିଆପଡା ଛକ ଠାରେ ଲୁଟେରାମାନେ ସକ୍ରିୟ ହୋଇଉଠିଥିଲେ। ସେଠାରେ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ପରେ ଏହା କମିଥିଲା। ଏହି ଲୁଟେରା ଗ୍ୟାଙ୍ଗ ଏବେ ଟୋଲ ଗେଟ୍ ନିକଟରେ ସକ୍ରିୟ ହେବାରେ ଲାଗିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସମୟରେ ଘସିପୁରା ଅଞ୍ଚଳର ଅମର ଦାସ ନିଜ ସ୍ତ୍ରୀଙ୍କୁ ଧରି ଯାଜପୁର ପାର୍ଶ୍ୱରୁ ଘସିପୁରା ନିଜ ଘର ଅଭିମୁଖେ ଆସୁଥିବା ସମୟରେ କେତେକ ଲୁଟେରା ତାଙ୍କ ସ୍ତ୍ରୀଙ୍କ ବେକରୁ ଚେନ୍ ଟାଣିବାକୁ ଉଦ୍ୟମ କରିଥିଲେ। ଏଥିରେ ଅମରଙ୍କ ପତ୍ନୀ ତଳେ ପଡି ଆହତ ହୋଇଥିଲେ। ସେହି ସମୟରେ କିଛି ଯାନବାହାନ ଆସିଯିବାରୁ ଲୁଟେରା ଗ୍ୟାଙ୍ଗ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଲୁଟେରା ଗ୍ୟାଙ୍ଗ ସ୍ଥାନୀୟ ସାଇଁକୁଳ ଓ ଜଳସୁଆଁର ହୋଇଥିବା ଅନୁମାନ କରାଯାଉଥିବାବେଳେ ରାମଚନ୍ଦ୍ରପୁର ପୋଲିସ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

# କବି ଅନ୍ନପୂର୍ଣ୍ଣା ଦାଶଙ୍କ ପରଲୋକ

**ପାଟଣା, ୨୬।୬(ସ୍ୱ.ପ୍ର.)**




ଅନ୍ନପୂର୍ଣ୍ଣା ଦାଶଙ୍କ ଫାଇଲ ଫଟୋ।

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ତଥା କବି ଅନ୍ନପୂର୍ଣ୍ଣା ଦାଶ ୬୨ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତିରେ ଜୁବୁରୀ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ବୁଧବାର ତାଙ୍କ ମରଶରୀରକୁ ମଙ୍ଗଳପୁର ଗ୍ରାମରୁ ନେଇ ପୈତୃକ ଗ୍ରାମ ଦୁର୍ଗାଦେଇପୁର ଶାସନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ବହୁ ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟ ସାଧକ ତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଗାପୀନାଥ ଦାଶ, ବଡ଼ପୁଅ ସୁଜିତ କୁମାର ଦାଶ, ସାନପୁଅ ସବୀର କୁମାର ଦାଶ, ପୁତ୍ର ବଧୂ ନାତି ନାତୁଣୀ ଓ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ପବିତ୍ର ବୈତରଣୀ ନଦୀ କୂଳର ଦୁର୍ଗାଦେଇ ପୁର ଶ୍ମଶାନ ଘାଟରେ ଅନ୍ନପୂର୍ଣ୍ଣାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସାନ ପୁଅ ସବୀର କୁମାର ଦାଶ ତାଙ୍କୁ ମୁଖାଗ୍ନି ଦେଇଥିଲେ। ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ସନାତନ ଦାଶ, ଲକ୍ଷ୍ମଣ କୁମାର ଦାଶ ,କୃଷ୍ଣଚନ୍ଦ୍ର ଦାଶ, ବିବେକାନନ୍ଦ ଦାଶ, ଖବର ଦାତା ବୀକିଶୋର ଦାଶ, କିଶୋର ଚନ୍ଦ୍ର ମହାନ୍ତ, ମହେଶ୍ୱର ପୃଷ୍ଟି ଓ କାମିନୀ କାନ୍ତ ଦ୍ୱିବେଦୀ ପ୍ରମୁଖ ଅନ୍ନପୂର୍ଣ୍ଣାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକାଙ୍କୁ ଗଣବଳାତ୍କାର ଘଟଣା
# ୩ ଅଭିଯୁକ୍ତ ଗିରଫ, ସ୍ୱଧାର ଗୃହ ଗଲେ ୩ ନାବାଳକ

**ଯୋଡ଼ା, ୨୬।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଘଟିଥିବା ଲଜ୍ଜାଜନକ ନାବାଳିକା ଗଣବଳାତ୍କାର ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ୩ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ହେଲେ କ୍ରିଷ୍ଣା ତାରୁଆ, ସୁରଜ ମୁଣ୍ଡା ଓ ଦୁମ୍ବି ମୁଣ୍ଡା। ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷ୍ମୀ ପଡ଼ିଆ ନିକଟରେ ଜଣେ ନାବାଳିକାଙ୍କ ପ୍ରେମିକକୁ ମାଡ଼ମାରି ଗଛରେ ବାନ୍ଧି ଦେଇ ନାବାଳିକାଙ୍କୁ ଜଙ୍ଗଲକୁ ଟେକି ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଯୋଡ଼ା ପୋଲିସ ଏହି ଘଟଣାର ଛାନ୍‌ଭିନ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାର ଡ଼ାକ୍ତର ଏ.କେ ରାୟ ଏ ନେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୀଡ଼ିତା ନାବାଳିକାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ ୧୦୦/୧୯) ରୁଜୁ କରିବା ସହିତ ଦଫା ୩୬୧,୩୭୬(ଡ଼ି଼ଏ)ଆଇପିସି ,୬ ପୋକ୍ସ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସିସିଏଲ କୋର୍ଟ ଚାଲାଣ କରାଯାଇଛି।

# ଗଛରେ ମୁଣ୍ଡ ଟାଙ୍ଗିବା ଘଟଣା: ହତ୍ୟାକାରୀ ଗିରଫ

**କେନ୍ଦୁଝର,୨୬।୬ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ନୟାକୋଟ ଥାନା ସୁକଡୋଳା ଗ୍ରାମ ଜଙ୍ଗଲରେ ଜଣେ ଯୁବକଙ୍କୁ ହତ୍ୟା କରି ଗଛରେ କଟା ମୁଣ୍ଡ ଟାଙ୍ଗିଦେବା ଘଟଣାରେ ପୋଲିସ ବୁଧବାର ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୂର୍ବ ଶତ୍ରୁତାକୁ ନେଇ ମଦ ପିଇ ହତ୍ୟା କରିଥିବା ସେମାନେ ପୋଲିସ ଆଗରେ କହିଛନ୍ତି। ମୃତକଙ୍କ ନାମ ଭଦ୍ର ପ୍ରଧାନ (୨୪) ତାଙ୍କ ଘର ସୁକଡୋଳା ଗ୍ରାମରେ। ଗତ ରବିବାର ପୋଲିସ ଖବର ପାଇ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ମଦ ପିଇବା ପରେ ସେମାନେ ଭଦ୍ରଙ୍କୁ ହତ୍ୟା କରି ମୁଣ୍ଡକୁ ଶାଳଗଛରେ ଟାଙ୍ଗି ଦେଇଥିଲେ। ହତ୍ୟା କରିବା ପରେ ଗାଁ ପୋଖରୀରେ ଛୁରୀ ଓ ହାତୁଡିକୁ ଫିଙ୍ଗି ଦେବା ସହ ନିଜର ରକ୍ତ ଭିଜା ପୋଷାକକୁ ନଦୀରେ ଫିଙ୍ଗି ଦେଇଥିଲେ। ତାପରେ ଘରକୁ ଫେରି ୧୦୦ ଟଙ୍କା ଲେଖାଁଏ ଧରି ଫେରାର ହୋଇଯାଇଥିଲେ ବୋଲି ସେମାନେ ପୋଲିସ ଆଗରେ କହିଛନ୍ତି। ଏନେଇ ପୋଲିସ ଦଫା ୩୦୨ ଓ ୩୪ ଆଇପିସିରେ ଏକ ମାମଲା (ନଂ୧୬/୨୦୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚାଷୀଙ୍କୁ ଧାନ ବିହନ ବଣ୍ଟନ

**ତେଲକୋଇ, ୨୬।୬(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟର ବଜାର ପେଣ୍ଡାଲ ଠାରେ ମା ଜଗଜନନୀ ସେବା ଟ୍ରଷ୍ଟ ପକ୍ଷରୁ ଚାଷୀଙ୍କୁ ଉନ୍ନତ ମାନର ଧାନ ବିହନ ବଣ୍ଟନ କରାଯାଇଛି । ଏହି ଚାଷୀ ବହୁଳ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଧାନ ବିହନ ଯୋଗାଣରେ ଅବହେଳା ପାଇଁ ମା’ ଜଗଜ୍ଜନନୀ ଟ୍ରଷ୍ଟ (ସନାସେନା ) ଜିଲା ସଙ୍ଗଠନ ପକ୍ଷରୁ ବୁଧବାର ତେଲକୋଇ ମୂଖ୍ୟାଳୟ ଓ ଖୁଂଟାପଡା ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ଧାନ ବିହନକୁ ଚାଷୀଙ୍କୁ ପ୍ରଦାନ କରାଯାଇଛି । ତେବେ ଧାନ ବିହନ ପାଇଁ ତେଲକୋଇ ମୁଖ୍ୟାଳୟ ଠାରେ ଏକ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବିହନ ପାଇଥିବା ବେଳେ ଖୁଣ୍ଟାପଡା ମନ୍ଦିର ପ୍ରାଙ୍ଗଣରୁ ୪ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିହନ ମାଗଣାରେ ନେଇଥିବା ସୂଚନା ମିଳିଛି। ଚଳିତ ବର୍ଷ ମୌସୁମୀର ପ୍ରଭାବ ନଥିବା ବେଳେ ଚାଷୀ ଚିନ୍ତାରେ ରହିଥିଲେ। ତେବେ ଚାଷୀମାନେ ଆଗ୍ରହର ସହିତ ଏହି ବିହନକୁ ନେଇ ଧାନଚାଷ କରିବା ଅପେକ୍ଷାରେ ରହିଛନ୍ତି। ବ୍ଲକ ଅଧ୍ୟକ୍ଷା ମମତା ଦେହୁରୀ ଖୁଣ୍ଟାପଡା ମନ୍ଦିରରେ ବିଭିନ୍ନ ପଞ୍ଚାୟତର ଚାଷୀଙ୍କୁ ଏହି ବିହନ ବଣ୍ଟନ କରିଥିବା ବେଳେ ସନାସେନାର ପ୍ରମୁଖ କର୍ମୀ କୈଳାଶ ଚନ୍ଦ୍ର ପ୍ରଧାନ ବଜାର ଅଞ୍ଚଳରେ ଧାନ ବିହନ ବଣ୍ଟନ କରୁଛନ୍ତି । କୃଷି ବିଭାଗର ଅବହେଳାକୁ ନେଇ ବ୍ଲକ ଅଧ୍ୟକ୍ଷା ମମତା ଦେହୁରୀ କହିଛନ୍ତି ଯେ, ବିଳମ୍ବ ହେଲେ ମଧ୍ୟ ଚାଷୀଙ୍କୁ ଧାନ ବିହନ ଯୋଗାଣ କରିଛୁ।



ବଜାର ପେଣ୍ଡାଲରେ ଚାଷୀଙ୍କୁ ବିହନ ବଣ୍ଟନ।

# ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ନିରୋଧ ଦିବସ ପାଳିତ

**କେନ୍ଦୁଝର, ୨୬।୬ (ଡି.ଏନ୍.ଏ./ ସ୍ୱ.ପ୍ର.)**

ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧ କାରବାର ଅଧୁନା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ନିଶା ଦ୍ରବ୍ୟର ବହୁଳ ସେବନ ପରିବାର ତଥା ସମାଜକୁ ନଷ୍ଟଭ୍ରଷ୍ଟ କରିବାକୁ ବସିଛି। ଏପରି ନିଶାଦ୍ରବ୍ୟର ମାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନ ହେବା ଏକାନ୍ତ ଜରୁରୀ ବୋଲି ଜିଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି। ଚଳିତ ଜୁନ୍ ୨୬ ତାରିଖ ବୁଧବାର ଅବକାରୀ ବିଭାଗ, କେନ୍ଦୁଝର ସୌଜନ୍ୟରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରି ଏକ ବାର୍ତ୍ତାରେ ଏହି ମତବ୍ୟକ୍ତ କରିଛନ୍ତି। ଜିଲାପାଳ ଉକ୍ତ ବାର୍ତ୍ତାରେ କହିଛନ୍ତି ଯେ, ସମାଜର ତୃଣମୂଳ ସ୍ତରରେ ପରିବାରଠୁ ଆରମ୍ଭ କରି ସମାଜରେ ନିଶାଦ୍ରବ୍ୟର ମାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ। ଏଦିଗରେ ସମାଜର ସବୁ ବର୍ଗର ଜନସାଧାରଣ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି।




ନିଶା ଦ୍ରବ୍ୟର ଅପବ୍ୟବହାର ରୋକିବାକୁ ସଚେତନତା ଯାତ୍ରା।

## ସଚେତନ ହେବା ଜରୁରୀ-ଜିଲାପାଳ

ଏତଦ୍‌ବ୍ୟତୀତ ମାଦକଦ୍ରବ୍ୟ ସେବନ କରୁଥିବା ଲୋକମାନେ ଦୂରାରୋଗ୍ୟ ରୋଗରେ ପୀଡ଼ିତ ହେଉଛନ୍ତି। ଏଣୁ ଆଜିର ଯୁବପିଢୀ ଏନେଇ ସଚେତନ ହେବାକୁ ସେ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଅବକାରୀ ଅଧୀକ୍ଷକ ପ୍ରଦୀପ ରଞ୍ଜନ ପଟ୍ଟନାୟକ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଜିଲାସ୍ତର, ବ୍ଲକ୍‌ସ୍ତର ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା ଅଭିଯାନକୁ ବ୍ୟାପକ କରାଯିବ ବୋଲି କହିଛନ୍ତି। ଶୋଭଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍ ବାହିନୀ, ପୋଲିସ୍ ଓ ଅବକାରୀ ବିଭାଗର ଅଧିକାରୀ/କର୍ମଚାରୀ ସାମିଲ ହୋଇ ସହର ପରିକ୍ରମା କରିବା ସହ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବାସନ୍ତୀପ୍ରଭା ନାୟକ, ଇନ୍ସପେକ୍ଟର ନିମାଇଁ ଚରଣ ସିଂ, ସୀତାରାଣୀ ପଟ୍ଟାୟତ, ସନ୍ତୋଷ କୁମାର ପ୍ରଧାନ, ଭାରପ୍ରାପ୍ତ ମୁଖ୍ୟ କିରାଣୀ ଜାକିର୍ ହୁସେନ୍‌ଙ୍କ ସମେତ ଅବକାରୀ ବିଭାଗର ଅଧିକାରୀ/କର୍ମଚାରୀଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

# ପ୍ରଶାସନ ଲୋଡ଼ିଲା ଜନ ସହଯୋଗ

**ବାଲେଶ୍ୱର ଅଫିସ, ୨୬।୬**

ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ଆନ୍ତର୍ଜାତିକ ମାଦକ ଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚାଲାଣ ନିରୋଧ ଦିବସ ପାଳିତ ହୋଇଥିଲା। ଜିଲାରେ ବୃଦ୍ଧି ପାଇଥିବା ମାଦକ ଦ୍ରବ୍ୟର ଚୋରା କାରବାର ଘଟଣା ଏହି କାର୍ଯ୍ୟକ୍ରମ ଆଲୋଚନାରେ ସ୍ଥାନ ପାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ନିଶା ରାକ୍ଷସଠାରୁ କିପରି ଦୂରେଇ ରହିପାରିବେ ସେଥିଲାଗି ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଉପଜିଲାପାଳ ନୀଲୁ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ, ଅବକାରୀ କିମ୍ବା ପୋଲିସ ବିଭାଗ ଅବୈଧ ମାଦକ ଦ୍ରବ୍ୟ ଚାଲାଣକୁ ରୋକିବା ଲାଗି ଧରପଗଡ଼ କଲେ ତାହା ଯଥେଷ୍ଟ ହେବ ନାହିଁ । ଏଥିପାଇଁ ଜନ ସହଯୋଗ ଲୋଡ଼ା ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାଷ ନିଆଲ ସଭାରେ ଅଧ୍ୟକ୍ଷତା କରିଥିଲେ। ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା ଦିବସ ପାଳନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବାଲେଶ୍ୱର ଶାଖା ସଭାପତି ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ରୂପାୟନ ସଂସ୍ଥାର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ ପ୍ରମୁଖ ନିଶା ସେବନ, ଏହାର କୁପରିଣାମ ଓ ସାମାଜିକ, ଆର୍ଥିକ, ସ୍ୱାସ୍ଥ୍ୟଗତ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀ ଯାଜ୍ଞସେନୀ ପାଣିଗ୍ରାହୀ, ଦେବସ୍ମିତା ବିନ୍ଧାଣୀ, ଶ୍ରଦ୍ଧାଞ୍ଜଳି ବିଶ୍ୱାଳଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଉଲ୍ଲେଖନୀୟ ସେବା ନିମନ୍ତେ ଅବକାରୀ ଭ୍ରାମ୍ୟମାଣ ବିଭାଗର ଜିଲା ଆଇଆଇସି ଉଦେଲାଲ ନାୟକ, ଓଆଇସି ଜଳେଶ୍ୱର ହରପ୍ରସାଦ ରଣା, ଓଆଇସି ସୋର ଓ ଖଇରା କୁଳମଣି ମହାରଣା, ସହ ଉପ-ନୀରିକ୍ଷକ ଚନ୍ଦ୍ରମୋହନ ସେଠୀ ଓ ଭାସ୍କର ଚନ୍ଦ୍ର ବେହେରା, ଅବକାରୀ କନେଷ୍ଟବଲ ପ୍ରହଲ୍ଲାଦ ବିଶ୍ୱାଳ, ଦେବାଶିଷ ମଲ୍ଲିକ, ଅବକାରୀ ଉପଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ପୋଲିସ ବିଭାଗର ସହଦେବଖୁଣ୍ଟା ଥାନା ଆଇଆଇସି ଶୁଭ୍ରାଂଶୁ କୁମାର ନାୟକ, ସବ୍‌ଇନସପେକ୍ଟର ବିରଞ୍ଚି ସାହୁ, ନୀଳମଣି ନାୟକ ଏବଂ କନଷ୍ଟେବଲ ପ୍ରଦୀପ କୁମାର ଦେଙ୍କୁ ପୁରସ୍କୃତ କରାଯାଇଥିଲା। ବାଲେଶ୍ୱରର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ, ଏବଂ 'ଜ୍ଞାନଶ୍ରୀ' ସ୍ୱେଚ୍ଛାସେବୀ ସଂଗଠନ ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ପ୍ରଜାପିତା ବ୍ରହ୍ମାକୁମାରୀ, ସ୍ପୋର୍ଟସ ହଷ୍ଟେଲ, ରୂପାୟନ, ମୋନା ଓ ଅନ୍ୟ ସଂଗଠନର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ସମ୍ମିତ କୁମାର ନାୟକ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ମଙ୍ଗଳ ଅଧିକାରୀ ରାଜୀବ ଲୋଚନ ସାହୁ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଏହି ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଟାଉନ ହାଇସ୍କୁଲଠାରେ ''ରୂପାୟନ'' ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଭା କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଜିଲା କାରାଗାରଠାରେ ମଧ୍ୟ ଅନୁରୂପ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଉପଜିଲାପାଳ ମହାପାତ୍ର ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାସ ନିଆଲ ମୁଖ୍ୟବକ୍ତା ଓ ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଟାଉନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା, ଜେଲ ଅଧୀକ୍ଷକ କୁଳମଣି ବେହେରା, ରୋଟାରିଆନ ସୁବ୍ରତ କର, ରୂପାୟନର କାର୍ଯ୍ୟକାରୀ ସଭାପତି ସୁଜାତା ପଣ୍ଡା, ଜେଲର ଦିପ୍ତୀମୟୀ ରାଉତ, ପରୀବିକ୍ଷଣ ଅଧିକାରୀ ଦେବବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ସଦର ବ୍ଲକ ପରିସରରେ ଆନ୍ତର୍ଜାତିକ ମାଦକ ଦ୍ରବ୍ୟର ଦୁରୁପଯୋଗ ଓ ଅବୈଧ ଚାଲାଣ ନିରୋଧ ଦିବସ ଉପଲକ୍ଷେ ଆୟୋଜିତ ବୈଠକରେ ଅତିଥିବୃନ୍ଦ।



ଜେଲ ପରିସରରେ କଏଦୀମାନଙ୍କୁ ନିଶାଠାରୁ ଦୂରରେ ରହିବା ପାଇଁ ସଚେତନ କରାଯାଉଛି।

## ସଂକ୍ଷେପରେ

### ବିଲରୁ ଗଳିତ ମୃତଦେହ ଉଦ୍ଧାର

**ଚାନ୍ଦବାଲି, ୨୬।୬ (ଡି.ଏନ.ଏ.)** - ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ-ଚୌଧୁରୀଘାଟ ରାସ୍ତାକଡ଼ ବିଲରୁ ଏକ ଅଚିହ୍ନା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ପଚି ନଷ୍ଟ ହୋଇଯାଇଥିବା ବେଳେ ଗୋଟିଏ ହାତକୁ କୁକୁର କିମ୍ବା ଶିଆଳ ଖାଇ ଖଣ୍ଡିଆ ଖାବରା କରି ଦେଇଛନ୍ତି। ଏହି ମୃତଦେହ ଜଣେ ଯୁବକଙ୍କର ହୋଇଥିବା ବେଳେ ତଳକୁ ମୁହଁମାଡ଼ି ଚାଷଜମିରେ ପଡ଼ିରହିଥିଲା। ମୃତଦେହ ପାଖରୁ ମଦ ବୋତଲ ଓ ବିଷ ପ୍ୟାକେଟ ମିଳିଥିବା ଜଣାଯାଇଛି। ବୁଧବାର ଅପରାହ୍ନରେ ଜମିକୁ ଯାଇଥିବା ସ୍ଥାନୀୟ ଚାଷୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସମ୍ପର୍କରେ ଠିକ୍ ସୂଚନା ମିଳିପାରି ନାହିଁ। ଘଟଣାସ୍ଥଳରେ ପୋଲିସ ଜଗି ରହିଥିବାବେଳେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଖବର ପାଇ ଚାନ୍ଦବାଲି ଥାନାଧିକାରୀ ଓ ମତୋ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ।

### ଉତ୍ତର ଓଡ଼ିଶା କଳାକାର ସଂଘର ବାର୍ଷିକ ସମ୍ମିଳନୀ

**ଭୋଗରାଇ, ୨୬।୬(ଡି.ଏନ.ଏ.)**
ବାଲେଶ୍ୱର ଜିଲା ସ୍ଥାନୀୟ ଥାନାଛକ ସ୍ଥିତ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ଉତ୍ତର ଓଡ଼ିଶା କଳାକାର ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କଳାକାର ସଂଘର ସଭାପତି ଗୌରାଙ୍ଗ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ କଳାକାର ସଂଘର ସଭାପତି ତଥା ଯାତ୍ରାଜଗତର ଖ୍ୟାତନାମା କଳାକାର ଦୈତାରି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ୟର ମନୋରଞ୍ଜନ କରୁଥିବା କଳାକାରମାନେ ସାମାଜିକ ଜୀବନରେ କିଭଳି ଦୁଃଖ ଯନ୍ତ୍ରଣାରେ ଛନ୍ଦି ହୋଇପଡିଛନ୍ତି, ତାହା କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବ୍ୟବସାୟୀ ପ୍ରଦୀପ ଆଚାର୍ଯ୍ୟ, ସମ୍ମାନନୀୟ ଅତିଥିଭାବେ ବିଡିଓ ଦୀପ୍ତିରଞ୍ଜନ ସେଠୀ, ସଂଘର ରାଜ୍ୟ ସମ୍ପାଦକ ରମେଶ କୁମାର ହୀରାଲାଲ, ରାଜେନ୍ଦ୍ର ମୋହନ ପତି, ରମାକାନ୍ତ କରଣ ଓ ରାଧାକୃଷ୍ଣ ଗିରି ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରାକଳାକୁ ଲୋକକଳାର ମାନ୍ୟତା ଦେବା, ସମସ୍ତ କଳାକାରଙ୍କୁ ଭତ୍ତା ପ୍ରଦାନ, ଏକାଡ଼େମୀ ପୁରସ୍କାର ପ୍ରଦାନ, ସ୍କୁଲ କଲେଜରେ କଳା ଶିକ୍ଷା ପ୍ରଚଳନ ଓ କଳା ଶିକ୍ଷକ ନିଯୁକ୍ତି ପ୍ରଦାନ ସମ୍ପର୍କରେ ସଂଘର ୧୧ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଏହି ବାର୍ଷିକ ସମ୍ମିଳନୀରେ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ

**ଜଳେଶ୍ୱର,୨୬।୬(ଡି.ଏନ.ଏ.)**– ଜଳେଶ୍ୱର ଥାନା ଗଡ଼ସାହି ବାଲିଆପାଳ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଥାନା ଯାଏ କଥା ଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କହିଛି।

### ଜେଏମଏଫସିଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଡବିଲ, ୨୬।୬(ସ୍ୱ.ପ୍ର.)**– କେନ୍ଦୁଝର ଜିଲା ବଡବିଲସ୍ଥିତ ସିଭିଲ ଜଜ କମ୍ ଜେଏମଏଫସି(ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ) କୋର୍ଟରେ ମାଜିଷ୍ଟ୍ରେଟ ଆଲୋକ ପଣ୍ଡାଙ୍କର କୋରାପୁଟ ଶିମିଳିଗୁଡାକୁ ବଦଳି ହୋଇଛି। ସେଥିନିମନ୍ତେ ବଡବିଲ ବାର ଆସୋସିଏଶନ ତରଫରୁ ସୋମବାର ତାଙ୍କୁବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟ ସମ୍ବର୍ଦ୍ଧନାରେ ସଭାପତି ବଳରାମ ମହାନ୍ତି ଆସୋସିଏଶନ ତରଫରୁ ଫୁଲତୋଡା ଓ ଉପଢୌକନ ଦେଇଥିଲେ। ଗତ ୨୨ ତାରିଖରୁ ଜେଏମଏଫସି ପଣ୍ଡା ରିଲିଭ ହୋଇଥିବାବେଳେ ପଦବୀ ଖାଲିପଡିଥିବା ଜଣାପଡିଛି। ଫଳରେ କୋର୍ଟ କାର୍ଯ୍ୟରେ ବାଧା ଉପୁଜିଛି। ଏହି କୋର୍ଟ ଅଧୀନରେ ଥିବା ବଡବିଲ, ବଲାଣୀ, ରୁଗୁଡି, ଯୋଡା ଓ ବାମେବାରୀ ଆଦି ୫ଟି ଥାନାରୁ ଦୈନିକ ମୁଦ୍ଦାଲାଙ୍କୁ ନେଇ ପୋଲିସ ୪୦ କି.ମି. ଦୂର ଚମ୍ପୁଆ କୋର୍ଟରେ ହାଜର କରୁଥିବାବେଳେ ମହକିଲ ମାନେ ମଧ୍ୟ ଚମ୍ପୁଆ କୋର୍ଟକୁ ହଇରାଣ ହୋଇ ଧାଉଁଛନ୍ତି। ତୁରନ୍ତ ଏହି ପଦବୀକୁ ପୂରଣ କରିବାକୁ ସାଧାରଣରେ ଦାବି ହୋଇଥିବାବେଳେ ଆସନ୍ତା ଶନିବାର ନୂତନ ଜେଏମଏଫସି ଯୋଗ ଦେବାର ସୂଚନା ରହିଥିବା ବାର ଆସୋସିଏଶନ ସଭାପତି ବଳରାମ କହିଛନ୍ତି।

# ବ୍ୟାଙ୍କରେ ପାସବୁକ ପ୍ରିଣ୍ଟକୁ ନେଇ ବିବାଦ, ଥାନାରେ ୨ ମାମଲା

**ଖଇରା,୨୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଷ୍ଟେଟ ବ୍ୟାଙ୍କ ଶାଖାରେ ପାସ ବୁକ ପ୍ରିଣ୍ଟକୁ କେନ୍ଦ୍ର କରି ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ବୁଧବାର ଅପରାହ୍ନରେ ଖଇରା ବ୍ଲକର ୩ ପ୍ରମୁଖ କର୍ମଚାରୀ ଓ ଶାଖା ପରିଚାଳକ ମୁହାମୁହିଁ ହୋଇଥିଲେ। ସମ୍ପୃକ୍ତ ୩କର୍ମଚାରୀଙ୍କ ପକ୍ଷରୁ ବିଡିଓ ମହେଶ ଚୌଧୁରୀ ଏ ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଶାଖା ପରିଚାଳକ ବିଷ୍ଣୁ ମହାପାତ୍ରଙ୍କ ପକ୍ଷରୁ ମଧ୍ୟ ସନ୍ଧ୍ୟାରେ ପାଲଟା ଅଭିଯୋଗ କରାଯାଇଛି।

ପୋଲିସ ଏହି ସୂଚନା ଦେଇ କହିଛି ଯେ, ଉଭୟ ପକ୍ଷର ଅଭିଯୋଗ କ୍ରମେ ଘଟଣାର ତଦନ୍ତ କରାଯାଉଛି। ବିଡିଓ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବୁଧବାର ବ୍ଲକ କ୍ୟାସିୟର ମାନଭଞ୍ଜନ ମହାପାତ୍ର, ମୁଖ୍ୟ କିରାଣି ରୋହିଣି ନନ୍ଦନ ସେନ, ଆକାଉଣ୍ଟସ୍ ଅଧିକାରୀ ମାଧବ ଦାଶ ଏକ ପାସବୁକ ପ୍ରିଣ୍ଟ କରିବାକୁ ବ୍ୟାଙ୍କ ଶାଖାକୁ ଯାଇଥିଲେ। କାଉଣ୍ଟରରେ ବସିଥିବା ଜଣେ କର୍ମଚାରୀ ଏହି କାମ କରି ନ ଥିଲେ । ଏ ସମ୍ପର୍କରେ କର୍ମଚାରୀମାନେ ଶାଖା ପରିଚାଳକଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନ ନେଇ ସେମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥଲେ। ସେପଟେ ଶାଖା ପରିଚାଳକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଥମେ ବ୍ଲକ ଅଫିସର ଜଣେ କର୍ମଚାରୀ ଅନ୍ୟ ଏକ ଶାଖାର ପାସବହି ଆଣି ପ୍ରିଣ୍ଟ କରିବାକୁ କହିଥିଲେ । ଏହା ବ୍ୟାଙ୍କର ନିୟମ ବିରୋଧି କାର୍ଯ୍ୟ ହୋଇଥିବାରୁ ଅଧସ୍ତନ କର୍ମଚାରୀ ମନା କରିଦେଥିଲେ । ପରେ ସେ ନିଜେ ମଧ୍ୟ ଏହାକୁ ପ୍ରିଣ୍ଟ କରାଯାଇ ପାରିବ ନାହିଁ ବୋଲି ଜଣାଇଥିଲେ । ଏ ନେଇ ସେଠାରେ ଯୁକ୍ତିତର୍କ ହୋଇଥିଲା। ତେବେ ସମ୍ପର୍କରେ ସିସିଟିଭି ଫୁଟେଜ ଅନୁଧ୍ୟାନ ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ ଶ୍ୟାମସୁନ୍ଦର ବିନ୍ଧାଣୀ କହିଛନ୍ତି ।

### ମହିଳା ଡାକକର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଜଳେଶ୍ୱର,୨୬।୬ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ମୁଖ୍ୟ ଡାକଘରେ କାର୍ଯ୍ୟରତ ମହିଳା କର୍ମଚାରୀ ଆହ୍ଲାଦିନୀ ମାରାଣ୍ଡୀ(୫୯) ଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ କାର୍ଯ୍ୟ କରୁଥିବା ସମୟରେ ମଙ୍ଗଳବାର ଅପରାହ୍ନ ସାଢ଼େ ୪ ଟା ବେଳେ ଛାତିରେ ଯନ୍ତ୍ରଣା ଅନୁଭବକରିଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ଜଳେଶ୍ୱର ଜିକେ ଭଞ୍ଜର ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥାଇ ପାରେ ବୋଲି ଡାକ୍ତର ସୂଚନା ଦେଇଛନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତା ଆହ୍ଲାଦିନୀଙ୍କ ସ୍ୱାମୀ ଭାଗିରଥୀ ମାରାଣ୍ଡୀଙ୍କ ଡାକ ବିଭାଗରେ ଚାକିରି କରୁଥିବା ସମୟରେ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ଡାକ ବିଭାଗର ନିୟମ ଅନୁଯାୟୀ ଆହ୍ଲାଦିନୀଙ୍କୁ ଗତ ୧୯୮୩ ମସିହା ଅଗଷ୍ଟ ମାସ ୨୫ ତାରିଖରେ ତାଙ୍କ ସ୍ୱାମୀଙ୍କ ଚାକିରି ଅନୁକମ୍ପା ମୂଳକ ପ୍ରଦାନ କରାଯାଇଥିଲା। ସେ ଡାକବିଭାଗ ରୁ ୨୦୨୦ ମେ ମାସ ୩୧ ତାରିଖରେ ଅବସର ଗ୍ରହଣ କରିଥାନ୍ତେ। ତାଙ୍କର ଜନ୍ମସ୍ଥାନ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଡିଂରା ଗ୍ରାମରେ। ତାଙ୍କର ଦୁଇ ପୁତ୍ର ଓ କନ୍ୟା ଅଛନ୍ତି। ତାଙ୍କ ବିୟୋଗରେ ବିଭାଗପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦ

# ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା

**ପାଟଣା, ୨୬।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବିଦ୍ୟୁତ ସେକ୍ସନ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ କରାଯାଉଛି। ଏହି ସମସ୍ୟାକୁ ନେଇ ଦିନ କୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସାମାନ୍ୟ ପବନ ଓ ବିଜୁଳିରେ ଦିନ ଦିନ ଧରି ଦୀର୍ଘ ୪୮ ଘଣ୍ଟା ରୁ ୭୨ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବ୍ୟାହତ ହେଉଛି। ଏନେଇ ପାଟଣା ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ପାଖା ପାଖି ୭ ହଜାର ଉପଭୋକ୍ତା ହଇରାଣ ହେଉଛନ୍ତି। ଏହାକୁ ବିରୋଧ କରି ଓ ଟିକିରା ଗ୍ରୀଡରୁ ପାଟଣାକୁ ବିଦ୍ୟୁତ ସଂଯୋଗ ଦାବିରେ ଜୁନ ୨୭ ତାରିଖ ଠାରୁ ପାଟଣା ବିକାଶ ମଞ୍ଚ ତରଫରୁ ପାଟଣା ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବାର ନିଷ୍ପତ୍ତି ନିଆଯାଇଥିବା ବିକାଶ ମଞ୍ଚ ର ବରିଷ୍ଠ କାର୍ଯ୍ୟକର୍ତ୍ତା ଅଜୟ କୁମାର ଦାଶ ସୂଚନା ଦେଇଛନ୍ତି।

# ଗଛରେ ବାନ୍ଧି ମହିଳାଙ୍କୁ ପିଟିଲେ, ଥାନାରେ ମାମଲା ରୁଜୁ

**ଜଳେଶ୍ୱର, ୨୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ଅନ୍ତର୍ଗତ ଶାସନବାର୍ଡ଼ ଅଞ୍ଚଳର ଜଣେ ମହିଳାଙ୍କୁ ଅନ୍ୟ ଏକ ପଡୋଶୀ ପରିବାରର ଲୋକେ ଘରୁ ଘୋଷାଡ଼ି ଆଣି ପାଖରେ ଥିବା ଏକ ଗଛରେ ବାନ୍ଧି ପିଟାମରା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୩୨।୧୯) ରୁଜୁ କରି ତଦନ୍ତ କରୁଛି। ଆହତ ମହିଳାଙ୍କୁ ଡାକ୍ତରଖାନାରେ ପୋଲିସ ଚିକିତ୍ସା କରାଇ ଘଟଣାର ତଦନ୍ତ ଆରମ୍ଭ କରିଛି। କିଛିଦିନ ପୂର୍ବରୁ ଏହି ମହିଳାଙ୍କ ଭାଇ ଜନୈକ ଯୁବତୀଙ୍କୁ ନେଇ କୁଆଡ଼େ ଚାଲି ଯିବା ଘଟଣା ନେଇ ଦୁଇ ପରିବାର ମଧ୍ୟରେ ଏଭଳି ଗଣ୍ଡଗୋଳ ଘଟିଥିବା ଥାନା ଏଏସ୍‌ଆଇ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

### ସିଂଲା ପୋଲିସ ପକ୍ଷରୁ ହେଲମେଟ ଯାଞ୍ଚ

**ବସ୍ତା, ୨୬।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଜାମଶୂଳୀ–ଲଙ୍ଗଳେଶ୍ୱର ରାସ୍ତାରେ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ହେଲ୍‌ମେଟ ଯାଞ୍ଚ କରାଯାଇଥିଲା। ସେଠାରେ ୧୧ ବାଇକ ଚାଳକଙ୍କୁ ଧରି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି।

## ଐତିହ୍ୟ ପୃଷ୍ଠାରୁ



ମଠର ସନ୍ୟାସୀମାନଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିର ମାର୍ଜନା କରାଯାଉଛି।

# ଶ୍ରୀଗୁଣ୍ଡିଚା ମନ୍ଦିରରେ ବାବନାଭୂତ ଐତିହ୍ୟ

ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମାର୍ଜନା ପରମ୍ପରା ରହିଅଛି। ସାଧୁ, ସନ୍ଥ, ବାବାଜି, ବୈଷ୍ଣବ ଓ ସାଧାରଣ ଭକ୍ତ ଏହି ମାର୍ଜନା କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। କଥା ଅଛି, ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାବନାଭୂତକୁ ଏହି ଅବସରରେ ଅପସାରଣ କରି ଦିଆଯାଏ। ବାହୁଡ଼ା ଦିନ ମହାପ୍ରଭୁ ଆଡ଼ପମଣ୍ଡପରୁ ବାହୁଡ଼ି ଆସିବା ପରେ ପୁଣି ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ଆଡ଼ପମଣ୍ଡପରେ ଗହଳ ଚହଳ ରହେ ନାହିଁ । ଖାଁ ଖାଁ ଲାଗେ।

ଏପରି ଏକ କଥା ପଛରେ ୫୦୦ ବର୍ଷ ତଳର ଐତିହ୍ୟ ଯୋଡ଼ି ହୋଇରହିଛି। ମହାପୁରୁଷ ଯଶୋବନ୍ତ ଦାସଙ୍କ ଅମଳ କଥା। ଜଗତ୍‌ସିଂହପୁର ଜିଲା ଅଡଙ୍ଗଗଡ଼ରୁ ଶିଷ୍ୟମାନଙ୍କ ସହ ସେ ଶ୍ରୀକ୍ଷେତ୍ର ଆସିଥାନ୍ତି। ଅଲୌକିକ ସାଧକ ଥିଲେ ସେ। ଖଣ୍ଡିଆ କାଛ ଉପରେ ବସି ଚାଲ୍ କହିଲେ କାଛ ଉଡ଼ି ଉଡ଼ି ଯାଉଥିଲା। ବାଟରେ ବିଶ୍ରାମ କରୁଥାନ୍ତି। କୌଣସି ଏକ ଅଶରୀରୀ ନିଜର ଆଖପାଖରେ ଥିବା ଧ୍ୟାନ ବଳରେ ଜାଣିପାରିଲେ। ଧ୍ୟାନସ୍ଥ ହେଲେ। ଦେଖିଲେ ବ୍ରହ୍ମ ରାକ୍ଷସଟିଏ। ଛଟପଟ ହେଉଛି, ମୁକ୍ତି ପାଉନି। ସାଧନା ବଳରେ ତାକୁ ଶାନ୍ତ ହେବା ପାଇଁ ନିର୍ଦ୍ଦେଶ ଦେଲେ। ପୁଣି ନିର୍ଦ୍ଦେଶ ଦେଲେ ଆମ ଆଗେ ଆଗେ ଚାଲ...। ଅଠରନଳା ଡେଇଁବା ତା' ପାଇଁ ଅସମ୍ଭବ ଥିଲା। ସେଇଠି ଯଶୋବନ୍ତ ଜାଣିପାରିଲେ। ପ୍ରଭୁଙ୍କୁ ସ୍ମରଣ କରି ଯୋଗ ତରିକାରେ ବ୍ରହ୍ମରାକ୍ଷସକୁ କ୍ଷେତ୍ର ପ୍ରବେଶ କରାଇଦେଲେ। କଥା କି ରହୁଛି! ଚୁପ୍‌ଚାପ ହୋଇ ଏ କାନରୁ ସେ କାନକୁ ଗଲା। କ୍ଷେତ୍ରରେ ପହଞ୍ଚି ବିଶ୍ରାମ ନେଉଥାନ୍ତି। ବିଶ୍ରାମ କାଳରେ ଖଣ୍ଡେ ଦୂରରେ ବ୍ରହ୍ମରାକ୍ଷସ ଶାନ୍ତ ସ୍ୱଭାବରେ ଅପେକ୍ଷା କରି ରୁହେ। ଉତୁପାତିଆ ହେବା ପାଇଁ ତା' ପାଖରେ ତ୍ରୁ' ନ ଥାଏ। ଯଶୋବନ୍ତ ତାକୁ ମୁକ୍ତ କରିଦେବାର ମାନସିକତାରେ ଥାନ୍ତି। ନଇଲେ ଅଠରନଳା ଡିଆଁଇଥାନ୍ତେ କିଆଁ!! ଯଶୋବନ୍ତ ଅପେକ୍ଷା କରିଥାନ୍ତି ନିର୍ଦ୍ଦିଷ୍ଟ ସମୟକୁ। ଏଣେ କଥା ଯାଇ ପହଞ୍ଚିଲା ଗଜପତିଙ୍କ ପାଖରେ। ଗଜପତି ମହାପୁରୁଷଙ୍କ ଡେରାକୁ ବିଜେ କଲେ। ସବୁ ବୁଝିବା ପରେ ଗଜପତିଙ୍କୁ ସବୁକଥା ଜଣାଇଲେ ଦାସେ। ମଣିମା! ସେ କଷ୍ଟ ପାଉଛି। ଜଙ୍ଗଲିଆ ପରିବେଶରେ ଆମର ଆଡ଼ପମଣ୍ଡପ। ବର୍ଷସାରା ଶୁନ୍‌ଶାନ୍। ନିରାପଦ ପାଇଁ ସେଠି ଆକୁ ରଖିଦିଅନ୍ତେ। ଅଦ୍ୱିତୀୟ ସ୍ଥାନ, ଅପୂର୍ବ ଦିବ୍ୟ ବାଲୁକା ରାଶି...। ଆପେ ଆପେ ସେ ଶାନ୍ତ ହୋଇଯିବ। ତାର ମୁକ୍ତିବେଳା ବହୁ ବିଳମ୍ବିତ। ମୁକ୍ତ ହେବା ପର୍ଯ୍ୟନ୍ତ ସେ ଉହଳବିକଳ ହେବ, ଉତୁପାତିଆ ବି। ଦିବ୍ୟ ପବିତ୍ର ସ୍ଥାନରେ ତା'ର ସହଯାତ ଉତୁପାତିଆ ଗୁଣ କମିଯିବ। ପ୍ରଭୁଙ୍କ ପ୍ରତି ସମର୍ପିତ ହେବା ଶରୀର ନ ଥାଇ ବି ସବୁ ଜାଣିବ। ବହୁ ହୋଇଥିବା ବ୍ରାହ୍ମଣ ପିଲା ସିଏ। ସଂସ୍କାର ରକ୍ତଗତ, କିନ୍ତୁ କେଉଁ ଜନ୍ମ ପ୍ରାରବ୍ଧ ବଳରୁ ଏହି ରୂପରେ କଷ୍ଟ ପାଉଛି। ଅନୁମତି ଦେଲେ ଶୁନ୍‌ଶାନ୍ ବେଳାତକ ସେ ଆଡ଼ପମଣ୍ଡପ ଚାରିପଟେ ଶାନ୍ତିରେ ରହନ୍ତା। ପ୍ରଭୁ ଆସିଲେ ତ ସେ ଆପେ ଆପେ ହଟିଯିବ! କେବଳ ମାର୍ଜନା ନୀତି ଏକ କଣ୍ଟକ ପରି ରହିବ। ସେ ଜାଣୁ ମାର୍ଜନା ଆରମ୍ଭ ମାନେ ସେ ଅପସରି ଯିବ। ଗଜପତି ଚାହିଁଲେ ଦାସଙ୍କ ମୁହଁକୁ। ପଞ୍ଚସଖାଙ୍କ ବିରୋଧରେ ବହୁ ଚୁଗୁଲି ତାଙ୍କ ପାଖରେ ପହଞ୍ଚିଥିଲା। ଆଜି ଜଣେ ଅତୃପ୍ତ ଆତ୍ମାକୁ ଶାନ୍ତ କରିବା ପାଇଁ ଏହି ମହାନୁଭବଙ୍କ ଉଦାରତା ତାଙ୍କୁ ପ୍ରଭାବିତ କରିଥିଲା। ବିଦାୟ ବେଳାରେ କହିଲେ– ଦାସେ! ତମ କଥା ରହୁ...।

**– ଡ. ସୁରେନ୍ଦ୍ର କୁମାର ମିଶ୍ର**

# ଅବ୍ୟବସ୍ଥା ମଧ୍ୟରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଆରଡ଼ି, ୨୬।୬ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଆରଡ଼ି ଆଖଣ୍ଡଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶ୍ୟାମସୁନ୍ଦର ଟୁଡୁ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୬ଟି ସେବା ପ୍ରକୋଷ୍ଠ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହେଲେ ଶିବିରରେ ଅବ୍ୟବସ୍ଥା ନେଇ ଅସନ୍ତୋଷ ଦେଖାଯାଇଥିଲା।

ଏକ ପ୍ରକୋଷ୍ଠରେ ନାସା, କର୍ଣ୍ଣ ଓ ଗଳା ବିଭାଗର ଜନୈକା ଡାକ୍ତର ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ନ କରି ଅନ୍ୟତ୍ର ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଥିଲା। କରଣପଲ୍ଲୀ ଅଞ୍ଚଳରୁ ୨ଟି ନଦୀ ପାର ହୋଇ ଶିବିରକୁ ଆସିଥିବା ୮ ବର୍ଷର ଶିଶୁ ରବୀନ୍ଦ୍ର ଜେନାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନ କରି କଟକ ସ୍ଥାନାନ୍ତର କରାଯିବା ନେଇ ତାଙ୍କ ପିତା ଅଭିଯୋଗ କରିଛନ୍ତି। ସେହିପରି ବାତୋଳ ଗ୍ରାମର ବଧିର ମନୋଜ ବାରିକ ଓ ପ୍ରୀତିରେଖା ବାରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନ କରି ଜଣେ ମହିଳା ଡାକ୍ତର ଭଦ୍ରକରେ ପରୀକ୍ଷା କରାଯିବ ବୋଲି କହି ଅନ୍ୟ ରୋଗୀ ଦେଖିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଡାକ୍ତରଙ୍କୁ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏ ବାବଦରେ ପଚାରିବାରୁ ସେ ଏହାକୁ ଏଡ଼ାଇ ଯାଇଥିଲେ। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଭିନ୍ନକ୍ଷମ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

ଶିବିରରେ ସଭା ଆୟୋଜନ କରାଯାଇଥିଲା। ବିଡିଓଙ୍କ ସମେତ ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ, ଭୁବନେଶ୍ୱର ସାମାଜିକ ସୁରକ୍ଷା ଡିଏସ୍‌ଏସ୍‌ଓ ସନ୍ନ୍ୟାସୀ ବେହେରା, ଚାନ୍ଦବାଲି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ଷ୍ଟାଲିନ ନାୟକ, ପ୍ରଗତି ଯୁବକ ସଂଘ ସମ୍ପାଦକ ଦେବବ୍ରତ ଦାସ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବବ୍ରତ ଜେନା, ଆରଡ଼ି ଗ୍ରାମରୋଜଗାର ସେବକ ସତ୍ୟରଞ୍ଜନ ପତି, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ନାନ୍ଦପୁର ସରପଞ୍ଚଙ୍କ ପ୍ରତିନିଧି ଗଣେଶ ବିଶ୍ୱାଳ, ଓଳଗ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ସେଠୀ, ଚାନ୍ଦବାଲି ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା ନିର୍ମଳା ସାହୁ ଓ ଅନସୂୟା ଶତପଥୀ ପ୍ରମୁଖ ସ୍ୱାସ୍ଥ୍ୟସେବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ କେତେକ ଭିନ୍ନକ୍ଷମଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି।



ଶିବିରକୁ ଉଦ୍‌ଘାଟନ କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜୁନ୍ ୨୭/୨୦୧୯ Balasore, Thursday, June 27/2019

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

**ଉଦଳା,୨୬।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୋଚିଲାଡିହା ପଞ୍ଚାୟତର ଚକରାପାଳ ନାଳ ପାର୍ଶ୍ୱ ଏକ ଜାମୁଗଛରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ଡିମଗଡିଆ ଗ୍ରାମର ସୁନାରାମ ସିଂ (୫୫) ବୋଲି ଜଣାପଡିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି। ମୃତ ସୁନାରାମଙ୍କ ସ୍ତ୍ରୀ ଏବଂ ପୁଅ ବାହାରେ କାମ କରିବାକୁ ଯାଇ ଘରକୁ ଫେରି ନ ଥିବାବେଳେ ଦୁଇ ଝିଅଙ୍କ ସହିତ ସେ ରହୁଥିଲେ। ସୁନାରାମଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ସେଥିନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ କୁଶଳଦା ଫାଣ୍ଡି ଅଧିକାରୀ ଏଏସଆଇ ଏସ୍.ପାଣିଗ୍ରାହୀ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୨୬।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ଠାରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ଘସିପୁରା ଶୈଲଙ୍ଗ ଗ୍ରାମର ଯୁବକ ସଞ୍ଜୟ ପୁହାଣ(୩୧) ଜୁରୁଡ଼ି ଅଞ୍ଚଳରେ ଭଡ଼ା ଘରେ ରହି ଏକ ଠିକାସଂସ୍ଥା ଅଧୀନରେ ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳ ସମୟରେ ସେ ରହୁଥିବା କୋଠାଘରର ଉପର ମହଲାରେ ଥିବା ଏକ ଖୁଣ୍ଟରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଛି। ଏନେଇ ପୋଲିସ ବାମେବାରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦୧୯) ରୁଜୁ କରି ଏହାର ତଦନ୍ତ ଜାରି ରଖିଛି। ସାଧାରଣରେ ଏହାକୁ ହତ୍ୟା ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି ।

# ହିତାଧିକାରୀଙ୍କ ନାଁରେ ଦେଢ଼କୋଟି ହଡ଼ପ

**ବାଲେଶ୍ୱର ଅଫିସ,୨୬।୬**

- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା
- ନିର୍ଦ୍ଦିଷ୍ଟ ନାମ ତାଲିକା ଦେଇ ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ
- ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ ଲାଗି ଅତିରିକ୍ତ ବିଡିଓଙ୍କୁ ଦାୟିତ୍ୱ

ବାଲେଶ୍ୱର ଜିଲାର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହେବା ଘଟଣାର ଗୁମର ଫିଟିବାରେ ଲାଗିଛି। ହିତାଧିକାରୀଙ୍କୁ ଘର ନ ଯୋଗାଇ ସେମାନଙ୍କ ନାମରେ ମଞ୍ଜୁର ହୋଇଥିବା ଟଙ୍କା ଉଠାଇ ନିଆଯାଇଛି। ସଦର ବ୍ଲକ ଅଧୀନ ବର୍ଦ୍ଧନପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏଭଳି ଦୁର୍ନୀତି କରି ପ୍ରାୟ ଦେଢ଼କୋଟି ଟଙ୍କା ହଡପ କରାଯବା ଘଟଣା ପଦାକୁ ଆସିଛି। ୧୩ ଜଣରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ନାମରେ ଟଙ୍କା ହଡ଼ପ ହୋଇଥିବା ଗ୍ରାମବାସୀ ଜାଣିବା ପରେ ଏ ନେଇ ବ୍ଲକ ପ୍ରଶାସନ ଓ ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ମୃତ ଏବଂ ବିଧବାଙ୍କ ନାମରେ ଉକ୍ତ ଯୋଜନାରେ ଟଙ୍କା ଉଠାଯାଇଥିବା ସେମାନେ ଦର୍ଶାଇଛନ୍ତି।

ବର୍ଦ୍ଧନପୁର ପଞ୍ଚାୟତର ବର୍ଦ୍ଧନପୁର, ସାହାଦାନଗର, ଜୟଦେବ କସବାପାହି ଗ୍ରାମର ଅନେକ ହିତାଧିକାରୀଙ୍କୁ ଘର ଦିଆ ନ ଯାଇ ସେମାନଙ୍କୁ ଲକ୍ଷାଧିକ ଟଙ୍କା ପୈଠ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୱେବସାଇଟ୍ ତାଲିକାରେ ଦର୍ଶାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ନାମ ତାଲିକାରେ ମଧ ଏହି ହିତାଧିକାରୀଙ୍କ ନାମ ରହିଥିବା ଗ୍ରାମବାସୀ ଅବଗତ ହେବା ପରେ ଏ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଦ୍ଧନପୁର ଗ୍ରାମର ସାବିତ୍ରୀ ମହାଳିକ କହିଛନ୍ତି, ଆମ ନାମରେ ଘର ମଞ୍ଜୁର ହୋଇଥିବା କଥା ୧୫ଦିନ ପୂର୍ବରୁ ଜାଣିବାକୁ ପାଇଲୁ। ତାଲିକାରେ ଆମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିବା ଏବଂ ସେ ବାବଦରେ ସରକାର ୯୦ହଜାର ଟଙ୍କା ଦିଆଯାଇଥିବା ଦର୍ଶାଯାଇଛି। କିନ୍ତୁ ଆମ ବ୍ୟାଙ୍କ ଖାତାକୁ ଟଙ୍କାଟିଏ ଆସି ନାହିଁ। କାହାଦ୍ୱାରା ଏପରି କାର୍ଯ୍ୟ ହୋଇଛି ଓ କିଏ ଟଙ୍କା ନେଇଛି ଆମକୁ କିଛି ଜଣା ନାହିଁ। ଆମର ଘର ଦରକାର ଥିଲା ବୋଲି ଆବେଦନ କରିଥିଲୁ। ଗ୍ରାମର ପ୍ରତାପ କୁମାର ଦାସ, ଉମାକାନ୍ତ ଦାସ, ମହେନ୍ଦ୍ର ଦାସ, ସୁଦର୍ଶନ ଦାସ, ଦୀପକ ପୋଇ ପ୍ରମୁଖ କହିଛନ୍ତି, କେତେକ ରାଜନୈତିକ ଲୋକ ଏବଂ ସରକାରୀ କର୍ମଚାରୀ ମିଶି ଚକ୍ରାନ୍ତ କରି ଗରିବ ଲୋକଙ୍କ ସରକାରୀ ସୁବିଧାକୁ ହଡ଼ପ କରିଛନ୍ତି। ରାମଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ଉମାମଣି ବେହେରା କହିଛନ୍ତି, 'ପଞ୍ଚାୟତ ଏସ୍‌ସିସିସି ତାଲିକାର ସିରିଏଲ୍ ନଂ. ୧୨୫ରେ ଆମ ନାମରେ ଘର ମିଳିଥିବା ଏବଂ ସେ ବାବଦକୁ ୫୦ହଜାର ଟଙ୍କା ଦିଆଯାଇଥିବା ଉଲ୍ଲେଖ ରହିଛି। କିନ୍ତୁ ଆମେ ଘର ପାଇନୁ କି ଟଙ୍କା ଉଠାଇନୁ।' ସେହିପରି ଗ୍ରାମର ଜଣେ ମହିଳା ଦୀର୍ଘଦିନ ଧରି ବାହାରେ ରହୁଥିଲେ ମଧ ତାଙ୍କ ନାମରେ ଉକ୍ତ ଯୋଜନାରେ ୧ଲକ୍ଷ ୨୦ହଜାର ଟଙ୍କା ଉଠା ଯାଇଥିବା ସରକାରୀ ୱେବସାଇଟ୍ ତାଲିକାରେ ତଥ୍ୟ ରହିଛି । ଏ ସମ୍ପର୍କରେ ତାଙ୍କ ପୁତୁରାବୋହୂ ସୁକାନ୍ତି ଦଳେଇ ଅଭିଯୋଗ କରିଛନ୍ତି। ଜିଲାପରିଷଦ ସଦସ୍ୟ ସୁଧାଂଶୁ ପଣ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ସମ୍ପର୍କରେ ଗ୍ରାମବାସୀ ତାଙ୍କ ସହ ଆଲୋଚନା କରିଛନ୍ତି। ପଞ୍ଚାୟତରେ ୪୦ରୁ ଅଧିକ ଘର ତାଲିକାଭୁକ୍ତ କରାଯାଇ ସେ ବାବଦ ବହୁ ଅର୍ଥ ହଡ଼ପ କରାଯାଇଥିବା ସନ୍ଦେହଘେରକୁ ଆସିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କଥା ପଦାକୁ ଆସିବ। ଏ ସମ୍ପର୍କରେ ସଦର ବ୍ଲକ ବିଡ଼ିଓ ଶଙ୍କର୍ଷଣ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଲୋକଙ୍କ ଅଭିଯୋଗ ମିଳିଛି। ଘଟଣାର ତଦନ୍ତ କରିବା ଲାଗି ଅତିରିକ୍ତ ବିଡ଼ିଓଙ୍କୁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଭଗବାନ ମହାଳିକଙ୍କ ମାଟି ଘର।

# କରଞ୍ଜିଆ ଉପ କାରାଗାରରୁ ଫେରାର କଏଦୀ ଗିରଫ

**ଠାକୁରମୁଣ୍ଡା,୨୬।୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକାରାଗାରରୁ ଗତ ୧୬ ତାରିଖରୁ ଫେରାର ହୋଇଯାଇଥିବା କଏଦୀ ଭଗବାନ ଟୁଡୁକୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଯାଜପୁର ଜିଲା ପୁରୁଣାପାଣି ଥାନା ଅଞ୍ଚଳରେ ଘଟିଥିବା ଏକ ନରହତ୍ୟା ମାମଲାରେ ଗିରଫ ହୋଇଥିବା ଭଗବାନ ଯାଜପୁର ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ଗତ ୨୬।୮।୨୦୧୭ ରିଖରେ ଯାଜପୁର ଜେଲରୁ ତାଙ୍କୁ କରଞ୍ଜିଆ ଉପକାରାଗାରକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସବୁଦିନ ଭଳି ଉପ କାରାଗାର ବଗିଚା କାମ କରୁଥିବା ବେଳେ ଗତ ୧୬ତାରିଖରେ ସେ ସେଠାରୁ ଫେରାର ହୋଇଯାଇଥିଲେ। ୩ ଦିନ ପରେ ଉପକାରାଗାର ଅଧୀକ୍ଷକ ଲକ୍ଷ୍ମୀଧର ମୁର୍ମୁ କରଞ୍ଜିଆ ଥାନାରେ ଏସମ୍ପର୍କରେ ଏତଲା ଦେଇଥିଲେ। ଏଥିନେଇ ଥାନାରେ ଏକ ମାମଲା (ନଂ.୮୧/୧୯)ରେ ରୁଜୁ ହୋଇଥିଲା। ଭଗବାନ ଫେରାର ଘଟଣା ସମୟରେ କାର୍ଯ୍ୟରତ ଜମାଦାର ସୁକାନ୍ତ ବେହେରା ମାନସିକ ଭାରସାମ୍ୟ ହରାଇ କ୍ୱାର୍ଟରରୁ କେଉଁଆଡେ ଚାଲିଯିବା ପରେ ଗତ ୨୩ତାରିଖରେ ତାଙ୍କ ମୃତଦେହ ସହର ଉପକଣ୍ଠ ଗ୍ରୀଡ ଷ୍ଟେସନ ସମ୍ମୁଖ ଏକ ଶାଳଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର ହୋଇଥିଲା। ଭଗବାନ ଫେରାର ହେବା ପରେ କରଞ୍ଜିଆ ପୋଲିସ ତାଙ୍କ ଗତିବିଧି ସମ୍ପର୍କରେ ନଜର ରଖିଆସୁଥିଲା। ତେବେ ଭଗବାନ ଗାଁରେ ଥିବା ଖବର ପାଇ ମଙ୍ଗଳବାର ରାତିରେ ଥାନା ସବଇନ୍ସପେକ୍ଟର ରଞ୍ଜିତା ପ୍ରଧାନ, ଏଏସଆଇ କୋଦଣ୍ଡ ସେଠୀ ସଦଳବଳ ଯାଜପୁର ଯାଇ କାଳିଆପାଣି ପୋଲିସ ସହାୟତାରେ ଭଗବାନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ଅଦାଲତରେ ବୁଧବାର ହାଜର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି କଏଦୀ ଫେରାର ଘଟଣାରେ ଡ୍ୟୁଟିରେ ଥିବା ମୃତ ଜମାଦାର ସୁକାନ୍ତ ବେହେରା ଓ ଗେଟ୍ ୱାର୍ଡରଙ୍କୁ ପୂର୍ବରୁ ନିଲମ୍ବନ କରାଯାଇଥିବା ବେଳେ ଉପକାରାଗାର ଅଧୀକ୍ଷକ ଲକ୍ଷ୍ମୀଧର ମୁର୍ମୁଙ୍କୁ ରାୟଗଡା ବଦଳି କରାଯାଇଛି। ୨୪ ତାରିଖ ଦିନ ନୂତନ ଅଧୀକ୍ଷକ ଭାବେ ଉପେନ୍ଦ୍ର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି।


ଗିରଫ ହୋଇଥିବା ଫେରାର କଏଦୀ।

# ଘରୁ ବାହାରିଲା ୩୫ ନାଗଛୁଆ


ସାପଧରାଳି ସେକ୍ ମିର୍ଜା ଉଦ୍ଧାର ନାଗଛୁଆ ଧରିଛନ୍ତି।

**ଧାମନଗର, ୨୬।୬ (ଡି.ଏନ.ଏ.)** – ଧାମନଗର ଗୋଖାଦିକି ସାହିର ଲକ୍ଷ୍ମୀଧର ମଳିକଙ୍କ ମାଟିଘରୁ ବୁଧବାର ୩୫ଟି ନାଗ ଛୁଆ ଉଦ୍ଧାର କରାଯାଇଛି। ଦୁଇ ତିନିଦିନ ଧରି ଲକ୍ଷ୍ମୀଧରଙ୍କ ଘରେ ନାଗଛୁଆ ଖେଳୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକେ ଭୟରେ ଘର ଛାଡ଼ି ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇ ସାପଧରାଳିଙ୍କୁ ଖବର ଦେଇଥିଲେ। ସ୍ନେକହେଲ୍ପର ସେକ୍ ମିର୍ଜା ବୁଧବାର ପହଞ୍ଚି ଲକ୍ଷ୍ମୀଧରଙ୍କ ୫ ବଖରା ମାଟିଘରକୁ ସମ୍ପୂର୍ଣ୍ଣ ତାଡ଼ି ଦେଇ ସାପଗାତରୁ ନାଗଛୁଆ ଉଦ୍ଧାର କରିଥିଲେ। ହେଲେ ନାଗ କି ନାଗୁଣୀ ଧରା ପଡ଼ି ନ ଥିବାରୁ ଭୟର ବାତାବରଣ ରହିଛି। ଅପରାହ୍ନରେ ଏହି ବ୍ଲକର ଆନନ୍ଦପୁରଠାରେ ସାପ ବାହାରିବାର ସନ୍ଧାନ ମିଳିବା ପରେ ସେକ୍ ମିର୍ଜା ସେଠାକୁ ଯାଇ ସାପ ଖୋଜିବାରେ ଲାଗିପଡ଼ିଥିଲେ।

## ଜମିବାଡ଼ି ଘଟଣାକୁ କେନ୍ଦ୍ରକରି ମାରପିଟ: ଜଣେ ମୃତ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ

**ସିମୁଳିଆ,୨୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା କାଞ୍ଚପଡ଼ା ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମରେ ଜମିବାଡ଼ି ଘଟଣାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ଗୁରୁତର ଆହତ ହୋଇଥବବା ଶରତ ନାୟକ (୩୫) ନାମକ ଜଣେ ବ୍ୟକ୍ତିଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଘଯଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରି ମୃତକଙ୍କ ପରିବାରବର୍ଗ ଓ ଶତାଧିକ ଗ୍ରାମବାସୀ ବୁଧବାର ଅପରାହ୍ନ ୫ଟାରେ ୧୬ନଂ. ଜାତୀୟ ରାଜପଥ ସଂଲଗ୍ନ ସିମୁଳିଆ ଥାନା ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ବାଲେଶ୍ୱର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲଙ୍କ ସମେତ ବିଭିନ୍ନ ଥାନାଧିକାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଭିଯୁକ୍ତଙ୍କୁ ଗୁରୁବାର ସୁଦ୍ଧା ଗିରଫ କରାଯିବ ବୋଲି ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବାରୁ ରାତି ୮ଟା୫୦ରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଗୋପୀନାଥପୁର ଅଞ୍ଚଳର କାଳନ୍ଦୀ ନାୟକ ଓ ତାଙ୍କ ବଡ଼ଭାଇ ପଞ୍ଚାନନ ନାୟକଙ୍କ ପରିବାର ମଧରେ ଜମିବାଡ଼ିକୁ ନେଇ ଦୀର୍ଘଦିନରୁ ବିବାଦ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି କାଳନ୍ଦୀଙ୍କ ସାନପୁଅ ଭକ୍ତହରି ଗତ ୧୬ ତାରିଖରେ ସିମୁଳିଆ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରେ ପୋଲିସ ତାଙ୍କୁ ଦୁଇଦିନ ଅଟକ ରଖିଥିଲା। ଅପରପକ୍ଷେ ସେହିଦିନ ଅପରାହ୍ନ ୫ଟା ସମୟରେ କାଳନ୍ଦୀଙ୍କ ବଡ଼ପୁଅ ଶରତଙ୍କୁ ପଞ୍ଚାନନ ନାୟକଙ୍କ ପରିବାର ଲୋକେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଶରତଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ଶରତଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଆସି ଗାଁରେ ପହଞ୍ଚିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତାରୋକୋ କରିବାରୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ପୂର୍ବ ଗଣ୍ଡଗୋଳ ଘଟଣା ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ୯ଜଣଙ୍କ ନାମରେ ଅଭିଯୋଗ କରାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି ।

**ଅଭିଯୁକ୍ତ ଓ ସିମୁଳିଆ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**


ଉତ୍ୟକ୍ତ ଲୋକେ ମୃତଦେହ ରଖି ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ